

ଟିପ୍ପଣୀ

୩୦

# ସ୍ଥାନୀୟ ଅଞ୍ଚଳ ଯୋଜନା

## (LOCAL AREA PLANNING)

ସ୍ଥାନୀୟ ସମସ୍ୟା ଓ ବିଷୟ (Issues) ଗୁଡ଼ିକର ସମାଧାନ ସନ୍ଦର୍ଭିତ ଯୋଜନା ପ୍ରସ୍ତୁତିର ପ୍ରକ୍ରିୟାକୁ "ସ୍ଥାନୀୟ ଅଞ୍ଚଳ ଯୋଜନା" କୁହାଯାଏ । ଲୋକମାନଙ୍କର ସାମଗ୍ରିକ କଲ୍ୟାଣ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ ଏହାର ପ୍ରାଥମିକତା ବା ଅଗ୍ରାଧିକାର (Priorities) ଅଟେ । ସାମାଜିକ ସେବା ଓ ସୁବିଧାଗୁଡ଼ିକର ଅନୁରକ୍ଷଣ (Maintainance), ସ୍ଥାନୀୟ ଉତ୍ପାଦ ଏବଂ ସେବାଗୁଡ଼ିକର ଗୁଣାତ୍ମକମାନ ଓ ପରିମାଣରେ ଅଭିବୃଦ୍ଧି ତଥା ସ୍ଥାନୀୟ ପରିବେଶକୁ ପରିଷ୍କାର ଓ ସବୁଜ ରଖିବା ଏହାର କେତେକ ନିରନ୍ତର ବ୍ୟାପାର କାର୍ଯ୍ୟ ଅଟେ । ଆକାର ଦୃଷ୍ଟିରୁ ଲୋକମାଙ୍କ ଏବଂ ସ୍ଥାନ ସନ୍ଦର୍ଭରେ ଏହା କ୍ଷୁଦ୍ରତମ ଯୋଜନା ଏକକ ଅଟେ । ଲୋକମାନଙ୍କ ସହଭାଗୀତାରେ କରାଯାଇଥିବା ଯୋଜନା ସ୍ଥାନୀୟ ଅଞ୍ଚଳରେ ନିରନ୍ତର ବୃଦ୍ଧି ଓ ବିକାଶକୁ ପ୍ରତିଫଳିତ କରୁଥିବା ବାସ୍ତବ ସ୍ଥିତିର ସ୍ୱପ୍ନ ପାଲଟିଥାଏ । ତୁମେ ସ୍ଥାନୀୟ ଅଞ୍ଚଳ ଯୋଜନାର ଅର୍ଥ ଏବଂ ଅବଧାରଣା, ଭାରତର ପଞ୍ଚ-ବାର୍ଷିକ ଯୋଜନାଗୁଡ଼ିକରେ ଗୃହୀତ ସ୍ଥାନୀୟ ଅଞ୍ଚଳ ଯୋଜନାର ବିଭିନ୍ନ ଉପଗମନ (Approachs) ବା ପ୍ରଣାଳୀ ଏବଂ ସ୍ଥାନୀୟ ଅଞ୍ଚଳ ଯୋଜନା ଉଦ୍ୟମର ସଫଳତାର କାହାଣୀଗୁଡ଼ିକ ବିଷୟରେ ଅଧିକ ବିସ୍ତୃତିଭାବେ ଅଧ୍ୟୟନ କରିବ ।

## ଉଦ୍ଦେଶ୍ୟ


ଏହି ପାଠଟିକୁ ଅଧ୍ୟୟନ କରିସାରିବା ପରେ, ତୁମେ :

- ସ୍ଥାନୀୟ ଅଞ୍ଚଳ ଯୋଜନା ବିକାଶର, ପାରିସ୍ଥିତିକୀୟ (Ecological) ଏବଂ ସାମାଜିକ ଆର୍ଥିକ ଆଧାରକୁ ବୁଝିପାରିବ;
- ସ୍ଥାନୀୟ ଆବଶ୍ୟକତାଗୁଡ଼ିକର ପୂରଣ ପାଇଁ ଯୋଜନା କିପରି ସମ୍ବଳ ଉପଯୋଗରେ ସହାୟତା କରିଥାଏ, ତାହା ବ୍ୟାଖ୍ୟା କରିପାରିବ;
- ବିଭିନ୍ନ ପଞ୍ଚବାର୍ଷିକ ଯୋଜନାଗୁଡ଼ିକର ଅନ୍ତର୍ଗତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ବିବର୍ତ୍ତିତ / ବିକଶିତ ହୋଇଥିବା ବିଭିନ୍ନ ବିଚାର ପଦ୍ଧତି ବା ଉପଗମନ ଏବଂ ସେଗୁଡ଼ିକର ଉଦ୍ଦେଶ୍ୟଗୁଡ଼ିକୁ ତୁଳନା କରିପାରିବ;
- ଭାରତର ବିଭିନ୍ନ ଯୋଜନା ଅଞ୍ଚଳ ଏବଂ ସେଗୁଡ଼ିକର ଅନନ୍ୟ ଆବଶ୍ୟକତାଗୁଡ଼ିକୁ ମାନଚିତ୍ରରେ ଚିହ୍ନଟ କରିପାରିବ;
- ପରିସ୍ଥିତିକୀ ପରିବେଶ ଏବଂ ସମ୍ବଳ ବିନିଯୋଗ କିପରି ପାରସ୍ପରିକ ସମ୍ପର୍କିତ ଏବଂ ସ୍ଥାନୀୟ ଅଞ୍ଚଳ ଯୋଜନା ପାଇଁ ଏଗୁଡ଼ିକୁ କିପରି ପରିଚାଳନା କରାଯାଇଥାଏ, ମାନଚିତ୍ର ବ୍ୟବହାର କରି ତାହା ବ୍ୟାଖ୍ୟା କରିପାରିବ ।

## 30.1 ସ୍ଥାନୀୟ ଅଞ୍ଚଳ ଯୋଜନାର ଅବଧାରଣା :

ସ୍ଥାନୀୟ ଅଞ୍ଚଳ ଯୋଜନା ସହ ସମ୍ପର୍କିତ ଅବଧାରଣା ଏବଂ ଉପଗମନ ଗୁଡ଼ିକୁ ବୁଝିବା ପାଇଁ ଆମକୁ ସମଗ୍ର ଧାରଣାକୁ ସଂଘଟିତ କରୁଥିବା ଶବ୍ଦ ବା ପଦଗୁଡ଼ିକୁ (Terms) ବୁଝିବାକୁ ପଡ଼ିବ । ସ୍ଥାନୀୟ ଅଞ୍ଚଳ ଶବ୍ଦର

ଉପଯୋଗ, ପରିସ୍ଥିତିକୀ, ଅର୍ଥବ୍ୟବସ୍ଥା ଓ ସମାଜରେ ଭିନ୍ନ ଭିନ୍ନ ଉପାୟରେ କରାଯାଇଥାଏ । ଏହା ସ୍ଥଳ ବିଶେଷ ବିଷୟ, ବସ୍ତୁ କିମ୍ବା ସମୁଦାୟ ବିଶେଷ ହୋଇଥାଏ । ଗୁଣ ବା ବିଶେଷତ୍ୱ ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳର ଉଭୟ ପ୍ରାକୃତିକ ଓ ସାଂସ୍କୃତିକ ବିଶେଷତ୍ୱ ହୋଇପାରେ ଯେପରିକି ଅଞ୍ଚଳର ଭୂ-ଦୃଶ୍ୟ (Landscape), ଅଞ୍ଚଳର ଚତୁର୍ଦ୍ଦିଗ, ସ୍ଥାନୀୟ ଉତ୍ପାଦ, ଲୋକନୃତ୍ୟ, ହସ୍ତଶିଳ୍ପ ଇତ୍ୟାଦି । ସ୍ଥାନୀୟ ଅଞ୍ଚଳର ବିଶେଷତ୍ୱଗୁଡ଼ିକ




**ଚିତ୍ର ୩୦.୧ ସ୍ଥାନୀୟ ଅଞ୍ଚଳ: ଉତ୍ପାଦ, ଲୋକନୃତ୍ୟ ଏବଂ ସୁଦୃଶ୍ୟ ସ୍ଥାନ**

ସ୍ଥାନ ଏବଂ ଲୋକମାନଙ୍କ ସହ ସମ୍ପର୍କର ଦୃଢ଼ ବନ୍ଧନକୁ ପ୍ରତିଫଳିତ କରିଥାଏ । ଅଣସ୍ଥାନୀୟ ଅଞ୍ଚଳ ଏବଂ ଲୋକମାନଙ୍କ ସନ୍ଦର୍ଭରେ ଏହା ସମ୍ପର୍କର ଦୁର୍ବଳ ବନ୍ଧନ ଏବଂ କ୍ରମବର୍ଦ୍ଧିଷ୍ଣୁ ବିବିଧତାକୁ ପ୍ରତିଫଳିତ କରିଥାଏ । ଉଦାହରଣସ୍ୱରୂପ ସମୁଦ୍ରବାୟୁ, ସ୍ଥାନୀୟବାୟୁ ସମୁଦ୍ର ଉପକୂଳରେ ଅଧିକ ପ୍ରଭାବ ପକାଇଥାଏ ଏବଂ ସମୁଦ୍ରରୁ ଦୂରରେ ଏହା ଦୁର୍ବଳ ହୋଇଯାଉଥାଏ ବା ପ୍ରଭାବହୀନ ହୋଇଯାଇଥାଏ । ବେଳେବେଳେ ସ୍ଥାନୀୟ ଅଞ୍ଚଳର ଉତ୍ପାଦ ଅଥବା ପରିଚୟ ଏତେ ଲୋକପ୍ରିୟ ଏବଂ ବିଶିଷିତ ହୋଇଯାଏ ଯେ, ଅନ୍ୟ ଅଞ୍ଚଳ ଏବଂ ସ୍ଥାନମାନଙ୍କରେ ଏହା ଚାହିଦା ବୃଦ୍ଧି ପାଇଥାଏ । କୋହ୍ଲାପୁରର ଚପଲ, ମହୀଶୂରର ଚନ୍ଦନ ଧୂପକାଠି, ଶିବକାଶୀୟ ବାଣ, ନାଗା ଶାଲ୍, କାଶ୍ମୀରୀ ପଶ୍ମିନା, ବାରଣାସୀର ରେଶମ ଶାଢ଼ୀ, ମଧୁବନୀ କଳା, କୁଚୁପୁଡ଼ି ନୃତ୍ୟ ଇତ୍ୟାଦି କେତେକ ସ୍ଥାନୀୟ ଅଞ୍ଚଳ ଉତ୍ପାଦ ଏବଂ ବିଶେଷତ୍ୱ ଅଟନ୍ତି ଯେଉଁଗୁଡ଼ିକରେ ଜାତୀୟ ତଥା ଆନ୍ତର୍ଜାତିକ ବଜାରରେ ବହୁତ ଚାହିଦା ଅଛି । ଏକ ଉତ୍ତମ ଅନୁରକ୍ଷିତ ଅଞ୍ଚଳ ଏହାର ସ୍ୱଚ୍ଛ ଏବଂ ସବୁଜ ପରିବେଶ ସହ ଅଣସ୍ଥାନୀୟ ଲୋକଙ୍କ ପାଇଁ ଆକର୍ଷଣର ଉତ୍ସ ରୂପେ କାର୍ଯ୍ୟ କରିଥାଏ ଏବଂ ଅନ୍ୟ ସ୍ଥାନ ମାନଙ୍କୁ ଏହାକୁ ଆଦର୍ଶ ରୂପେ ଅନୁସରଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ । ଉଦାହରଣସ୍ୱରୂପ ଶାଲିମାର ବାଗ୍ (ଶ୍ରୀନଗର), ମୋଗଲ ଗାର୍ଡ଼େନ (ଦିଲ୍ଲୀ), ଫୁଲର ଉପତ୍ୟକା (ଉତ୍ତରାଞ୍ଚଳ), ପ୍ରସ୍ତର ଉଦ୍ୟାନ (ଚଣ୍ଡିଗଡ଼), ନାଗାର୍ଜ୍ଜୁନ କୋଣ୍ଡା (ଆନ୍ଧ୍ର ପ୍ରଦେଶ),



ଟିପ୍ପଣୀ


ରାଜଗୀର (ବିହାର), କନ୍ୟାକୁମାରୀ (ତାମିଲନାଡୁ) ଇତ୍ୟାଦି ସ୍ଥାନୀୟ ଅଞ୍ଚଳ ଅଟନ୍ତି ଯେଉଁଗୁଡ଼ିକ ପାରିସ୍ଥିତିକୀୟ ଏବଂ ସୌନ୍ଦର୍ଯ୍ୟବୋଧର ଏକ ଉତ୍ତମ ସନ୍ତୁଳନ ଉପସ୍ଥାପନ କରିଥା'ନ୍ତି । ସ୍ଥାନୀୟ ଉତ୍ପାଦ, ଅଞ୍ଚଳ ଏବଂ ଲୋକମାନଙ୍କ ପ୍ରତି ଗର୍ବବୋଧ ଏବଂ ଆସକ୍ତି, ଏକତା ଏବଂ କାର୍ଯ୍ୟକଳାପର ଉତ୍ସ ରୂପେ କାର୍ଯ୍ୟ କରିଥାଏ । ଏହା ସାଧାରଣ ବୁଝାମଣା ଏବଂ ପରିଚୟ ଆଡ଼କୁ ମଧ୍ୟ ଅଗ୍ରସର ହୋଇଥାଏ । ପରିସ୍ଥିତିକୀୟ ରୂପେ, ସ୍ଥାନୀୟ ଅଞ୍ଚଳ ପାର୍ବତ୍ୟ, ମାଳଭୂମି, ସମତଳ, ଉପକୂଳବର୍ତ୍ତୀ, ମରୁଭୂମି ଅଥବା ଆର୍ଦ୍ରଭୂମି ହୋଇପାରେ । ପ୍ରକାର୍ଯ୍ୟାତ୍ମକ ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳ ଚାରଣଭୂମି, କୃଷି ପ୍ରଧାନ, ଔଦ୍ୟୋଗିକ, ପ୍ରତିଷ୍ଠାନିକ (Institutional) ଅଥବା ସେବା ପ୍ରଧାନ ଅଞ୍ଚଳ ହୋଇପାରେ । ଆବାସୀୟ ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳ ଗ୍ରାମୀଣ, ସହରୀ, ଯାଯାବର ଅଥବା ଜନଜାତୀୟ ହୋଇପାରେ । ସ୍ଥାନୀୟ ଅଞ୍ଚଳ ସେମାନଙ୍କ ସାମାଜିକ ବ୍ୟବସ୍ଥା ସନ୍ଦର୍ଭରେ ଆଧୁନିକ ଅଥବା ପାରମ୍ପରିକ ହୋଇପାରେ । ଠିକ୍ ସେହିପରି ଆର୍ଥିକ ବିକାଶ ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳ ବିକଶିତ ଅଥବା କ୍ରମ ବିକଶିତ ହୋଇପାରେ । ସ୍ଥାନ ଏବଂ ଲୋକମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉପାୟ ଏବଂ ମାଧ୍ୟମ ନିର୍ଣ୍ଣୟ କରିବା ପ୍ରୟାସକୁ 'ଯୋଜନା' କୁହାଯାଇଥାଏ । ଜଣେ ଶିକ୍ଷାର୍ଥୀ ରୂପେ ଆମେ ଅଧ୍ୟୟନ, ପରୀକ୍ଷା ଏବଂ ଅନ୍ୟ ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ପାଇଁ ଯୋଜନା କରିଥାଉଁ । ଆମେ ଯେଉଁଠି କାମ କରିଥାଉ ଏବଂ ବାସ କରିଥାଉ, ସେଠାକାର ସ୍ଥାନୀୟ ସ୍ତରର ସାଧାରଣ ସମସ୍ୟାଗୁଡ଼ିକର ସମାଧାନ ଖୋଜି ବାହାର କରିବାରେ ମଧ୍ୟ ଆମେ ନିଜକୁ ସମ୍ପୃକ୍ତ କରିଥାଉଁ । ସୁଖ ସୁବିଧା ଏବଂ ଜନ ଉପଯୋଗୀ ସେବା (Public utility services)ର ଅନୁରକ୍ଷଣ, ପରିମଳ, ସାଧାରଣ ସ୍ୱାସ୍ଥ୍ୟ ତଥା ଶିକ୍ଷା ଆଦି ସର୍ବାଧିକ ସାଧାରଣ ସମସ୍ୟା ଯେଉଁଗୁଡ଼ିକ ସ୍ଥାନୀୟ ଲୋକେ ସମ୍ମୁଖୀନ ହୋଇଥା'ନ୍ତି । ସ୍ଥାନୀୟ ଅଞ୍ଚଳ / କ୍ଷେତ୍ର ଯୋଜନାର କ୍ଷୁଦ୍ରତମ ଏକକ ହୋଇଥିବାରୁ ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ଖୋଜି ବାହାର କରିବା ଅପେକ୍ଷାକୃତ ସହଜ ହୋଇଥାଏ । ସମସ୍ୟାଗୁଡ଼ିକ ଛୋଟ ଏବଂ ସେଗୁଡ଼ିକର ପରିସର (Dimension) ପରିଚାଳନୀୟ ହୋଇଥାଏ । ଅଧିକାଂଶ ସମସ୍ୟା ଯେଉଁ ଗୁଡ଼ିକ ପାଇଁ ଯୋଜନା ଏବଂ ସାଧନର ଆବଶ୍ୟକତା ହୋଇଥାଏ, ସେଗୁଡ଼ିକ ପରିସ୍ଥିତିକୀୟ ଅସନ୍ତୁଳନ, ଆର୍ଥିକ ମାନ୍ଦା ଏବଂ ସାମାଜିକ ଉତ୍ତେଜନା ସହ ସମ୍ପର୍କିତ ହୋଇଥା'ନ୍ତି । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ସାଧାରଣ ଅବସ୍ଥା ସୁଧାରିବାକୁ ହେଲେ ମୌଳିକ ସାମାଜିକ ସୁଖ, ସୁବିଧା ଏବଂ ଆନୁଷଙ୍ଗିକ ବ୍ୟବସ୍ଥାର ଯୋଜନା ପ୍ରଣୟନର ଆବଶ୍ୟକତା ରହିଛି । ସ୍ଥାନୀୟ ଲୋକଙ୍କ ସହଭାଗୀତା, ସ୍ଥାନୀୟ ପଦାର୍ଥ, ଦେଶୀୟ ଜ୍ଞାନ (In digenous knowledge) ଏବଂ ଭିତ୍ତି ସଂରଚନା (infrasfarac ture), ଯାହା ପାଇଁ ଯୋଜନା କରାଯାଇଛି ଅନୁରକ୍ଷଣରେ ସହାୟତା କରିଥାଏ । ଯୋଜନାର ଲକ୍ଷ୍ୟ, ବୃକ୍ଷରୋପଣ, ନଦୀ, ପୋଖରୀ, ହ୍ରଦ ଇତ୍ୟାଦି ସ୍ଥାନୀୟ ଜଳାଶୟଗୁଡ଼ିକର ଅନୁଷରଣ, ଶିଳା (ପଥର) ଏବଂ ମୃତ୍ତିକାର ପରିଚାଳନା ମାଧ୍ୟମରେ ସ୍ଥାନୀୟ ପରିବେଶର ଗୁଣାତ୍ମକ ମାନ ବୃଦ୍ଧି ମଧ୍ୟ କରିବା ହୋଇଥାଏ । ସ୍ଥାନୀୟ ଅଞ୍ଚଳ ଯୋଜନାରେ ଲୋକମାନଙ୍କର ସହଭାଗୀତା ଏବଂ ସେଗୁଡ଼ିକର ଅନୁରକ୍ଷଣରେ ନିରନ୍ତର ସହଯୋଗର ପରିଣାମ ସ୍ୱରୂପ ଏକ ସ୍ୱାସ୍ଥ୍ୟକର ସ୍ଥାନୀୟ ପରିବେଶ ବିକଶିତ ହୋଇଥାଏ ।

ଏଣୁ ଯୋଜନା କହିଲେ, ଏକ ନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ନିର୍ଦ୍ଧାରିତର ପ୍ରାଥମିକତା / ଅଗ୍ରାଧିକାର (Priorites) ଅନୁଯାୟୀ ସ୍ଥାନୀୟ ଲୋକ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ପରିବେଶ, ସାମାଜିକକ ଆର୍ଥିକ କାର୍ଯ୍ୟକଳାପଗୁଡ଼ିକୁ ଚିନ୍ତା କରିବା, ଆରମ୍ଭ କରିବା, ନିୟମିତ କରିବା ଏବଂ ନିୟନ୍ତ୍ରଣ କରିବାକୁ ବୁଝାଇଥାଏ ।

## 30.2 ଯୋଜନାର ସ୍ତର :

ଯୋଜନା ବିଭିନ୍ନ ସ୍ତରରେ କରାଯାଇଥାଏ । କେତୋଟି ସ୍ଥାନୀୟ ଅଞ୍ଚଳରୁ ଆରମ୍ଭ କରି ବୃହତ୍ତର କ୍ଷେତ୍ର ଯେପରିକି ବିଶ୍ୱସ୍ତରୀୟ ଯୋଜନା ମାନବ ପ୍ରଗତି ଏବଂ କ୍ଷେତ୍ରୀୟ ବିକାଶର ଏକୀକୃତ ଅଂଶ (Integral part) ଅଟେ । ପୁରାତନ କାଳରୁ ଲୋକମାନେ ସେମାନଙ୍କର ବ୍ୟାପାର କାର୍ଯ୍ୟକଳାପ, ଆବାସ ଇତ୍ୟାଦି ପାଇଁ ଯୋଜନା ପ୍ରଣୟନ କରିଆସୁଛନ୍ତି । ଏଣୁ ଏହା ସମୟ ଏବଂ କ୍ଷେତ୍ର/ ଅଞ୍ଚଳ ପରିପ୍ରେକ୍ଷୀରେ ଏକ

ନିରନ୍ତର ପ୍ରକ୍ରିୟା ଅଟେ ଯାହାର ଲକ୍ଷ୍ୟ ଲୋକମାନଙ୍କର ଏବଂ ପରିବେଶର କଲ୍ୟାଣ / ମଙ୍ଗଳ ଅଟେ । ବିଶ୍ୱସ୍ତରରେ, ମିଳିତ ଜାତିସଂଘ ଦ୍ୱାରା ସମଗ୍ର ବିଶ୍ୱପାଇଁ ଯୋଜନା ପ୍ରଣୟନ କରାଯାଇଥାଏ ଏବଂ ଯୋଜନା ପରିକଳ୍ପନାର କାର୍ଯ୍ୟାନ୍ୱୟନରେ ସଦସ୍ୟ ରାଷ୍ଟ୍ରମାନେ ସହଯୋଗ ପ୍ରଦାନ କରିଥା'ନ୍ତି । ସଂଯୁକ୍ତ ରାଷ୍ଟ୍ର ଶୈକ୍ଷିକ କାର୍ଯ୍ୟକ୍ରମ (UNEP), ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ (UNDP) ଇତ୍ୟାଦି ଭଳି ବିଭିନ୍ନ କାର୍ଯ୍ୟକ୍ରମ ପରିବେଶ, ଦାରିଦ୍ର୍ୟ, ବିକାଶ ଆଦି ବିଶ୍ୱ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ଆରମ୍ଭ କରାଯାଇଛି । ଦେଶ ବା ରାଷ୍ଟ୍ର ସ୍ତରରେ, ଦେଶ ବା ଜାତିର ମଙ୍ଗଳ ଏବଂ ବିକାଶ ପାଇଁ ଜାତୀୟ ଯୋଜନା ପ୍ରଣୟନ କରାଯାଇଥାଏ । ଆମ ଦେଶରେ, ଅର୍ଥବ୍ୟବସ୍ଥାର (Economy) ବିଭିନ୍ନ କ୍ଷେତ୍ରକ (Sector) ଯଥା : କୃଷି, ଉଦ୍ୟୋଗ ଇତ୍ୟାଦି, ବିଭିନ୍ନ ପରିସ୍ଥିତିକୀୟ ମଣ୍ଡଳ ଯେପରିକି ପର୍ବତ, ମରୁଭୂମି, ଉପକୂଳବର୍ତ୍ତୀ ଅଞ୍ଚଳ ଇତ୍ୟାଦି ଏବଂ ସମାଜର ବିଭିନ୍ନ ବର୍ଗ ଯଥା : ମହିଳା, ଶିଶୁ, ଜନଜାତି ସମୂହ (Tribal Groups) ଯୁବକ, ବୟସ୍କ ବ୍ୟକ୍ତି ଇତ୍ୟାଦିଙ୍କ ପାଇଁ ଯୋଜନା ପ୍ରଣୟନ ନିମନ୍ତେ ଯୋଜନା କମିଶନ କେନ୍ଦ୍ରୀୟ ଅଭିକରଣ (Agency) ରୂପେ କାର୍ଯ୍ୟ କରିଥାଏ । ପ୍ରଧାନମନ୍ତ୍ରୀ ଯୋଜନା କମିଶନର ଅଧକ୍ଷ ଅଟନ୍ତି । ପ୍ରଶାସନିକ ଏବଂ ଯୋଜନା ଉଦ୍ଦେଶ୍ୟରେ ରାଷ୍ଟ୍ର ବା ଦେଶକୁ ଆହୁରି କେତେକ ଉପ ଏକକ (Sub-unite)ରେ ବିଭାଜିତ କରାଯାଇଥାଏ । ଏହା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମପଦ୍ଧତି (Nomeuclature) ସହ ହୋଇଥାଏ । ଆମ ଦେଶରେ, ଦେଶକୁ ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍‌ରେ ଉପ – ବିଭାଜିତ କରାଯାଇଛି । ରାଜ୍ୟ ସ୍ତରରେ ଏକ ରାଜ୍ୟ ଯୋଜନା ବୋର୍ଡ଼ ଅଛି ଯିଏ ସମଗ୍ର ରାଜ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିଥାଏ । ଏହାକୁ ପ୍ରାଦେଶିକ ଯୋଜନା ମଧ୍ୟ କୁହାଯାଇଥାଏ । ରାଜ୍ୟର ମୁଖ୍ୟମନ୍ତ୍ରୀ ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଅଟନ୍ତି । ଦେଶ ଓ ରାଜ୍ୟ ପରେ ତୃତୀୟ କ୍ରମରେ ଯୋଜନା ଏକକ ଜିଲ୍ଲା ଅଟେ । ଜିଲ୍ଲା ସ୍ତରରେ, ଯୋଜନା ଏବଂ ବିକାଶ ସଂସ୍ଥା ବା ଅଭିକରଣଗୁଡ଼ିକ ଏକତ୍ର କାର୍ଯ୍ୟ କରିଥା'ନ୍ତି ଏବଂ ଜିଲ୍ଲାଧିଶ ବା ଜିଲ୍ଲା ମାଜିଷ୍ଟ୍ରେଟ୍ ଯୋଜନା କାର୍ଯ୍ୟାନ୍ୱୟନର ସଂଯୋଜନା କରିଥାଆନ୍ତି । ସମୁଦାୟିକ ବା ଗୋଷ୍ଠୀ ବିକାଶ ବ୍ଲକ୍ ଚତୁର୍ଥ ସ୍ତରର (ଅଣୁ) ଯୋଜନା ଏକକ ଅଟେ । ପ୍ରତି ବ୍ଲକ୍ ପ୍ରାୟ 50 କିମ୍ବା ତଦୁର୍ଦ୍ଧ ଗ୍ରାମମାନଙ୍କୁ ଗଠିତ ହୋଇଥାଏ । ବ୍ଲକ୍‌ଗୁଡ଼ିକ ଗାଁ ଏବଂ ପରିବାର ସ୍ତର ପର୍ଯ୍ୟନ୍ତ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ଉତ୍ତରଦାୟୀ ହୋଇଥା'ନ୍ତି । ବ୍ଲକ୍‌ସ୍ତରୀୟ ଯୋଜନା ପ୍ରଣୟନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡ଼ି.ଓ) ସଂଯୋଜକ ଅଟନ୍ତି । ସ୍ଥାନୀୟ ଅଞ୍ଚଳ ଯୋଜନା ଗ୍ରାମ, ବସ୍ତି ଅଥବା ସାହି ଭଳି କୋଟ କୋଟ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ । ସେହି ସ୍ଥାନରେ ବାସ କରୁଥିବା ଏବଂ କାମ କରୁଥିବା ସମଗ୍ର ସମୁଦାୟ ବା ଗୋଷ୍ଠୀ, ଯୋଜନା ପ୍ରସ୍ତୁତ କରିବା ଏବଂ ଏହା କାଯ୍ୟାନ୍ୱୟନ ପାଇଁ ସରକାରୀ ସଂଗଠନ, ବେସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ଉତ୍ସରୁ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ କରିବା ପାଇଁ ଉତ୍ତରଦାୟୀ ହୋଇଥାଆନ୍ତି । କେବଳ ମାତ୍ର ଅଳ୍ପ କେତେ ଜଣଙ୍କର ପ୍ରୟାସ ଯୋଗୁଁ ନୁହେଁ ବରଂ ଅନେକ ଗୁଡ଼ିଏ ଲୋକଙ୍କର କଠିନ ପରିଶ୍ରମର ପରିଣାମ ସ୍ୱରୂପ ସ୍ଥାନୀୟ ଅଞ୍ଚଳ ସ୍ୱଚ୍ଛ, ସବୁଜ ଏବଂ ସମୃଦ୍ଧ ହୋଇଥାଏ । ଯୋଜନାର ବିଭିନ୍ନ ସ୍ତରର ଏକକ ଆରେଖୀୟ (Diogramatic) ପ୍ରତିବେଦନ ନିମ୍ନରେ ପ୍ରଦତ୍ତ ହେଲା ।



ଟିପ୍ପଣୀ

**ସାରଣୀ ନଂ 30.1 ଯୋଜନାର ସ୍ତର**

| ଯୋଜନାର ପ୍ରରୂପ / ପ୍ରକାର | ସ୍ତର |
|---|---|
| ବିଶ୍ୱସ୍ତରୀୟ ଯୋଜନା | I |
| ଜାତୀୟ ଯୋଜନା | II |
| ରାଜ୍ୟ ଯୋଜନା | III |
| ଜିଲ୍ଲା ଯୋଜନା | IV |
| ବ୍ଲକ୍ ଅଥବା ଅଣୁ ସ୍ତରୀୟ ଯୋଜନା | V |
| ସ୍ଥାନୀୟ ଅଞ୍ଚଳ ଯୋଜନା | VI |

## 30.3ଯୋଜନାର ଆହ୍ୱାନ (CHALLENGES PLANNING)

କୌଣସି ଯୋଜନା କାର୍ଯ୍ୟକ୍ରମର ସଫଳତା (ସଫଳ ରୂପାୟନ) ପାଇଁ ଅନେକ ଗୁଡ଼ିଏ ଗମ୍ଭୀର ଆହ୍ୱାନ ଆସିଥାଏ । ଅନେକ ସମୟରେ ସେହି ଅଞ୍ଚଳ ଏବଂ ଯେଉଁମାନଙ୍କ ପାଇଁ ଯୋଜନା ଉଦ୍ଦିଷ୍ଟ, ସେମାନଙ୍କ ଉପରେ ଯୋଜନାର ପ୍ରଭାବ ବିଷୟ ଯଥୋଚିତ ବିଚାର ନ କରି ଯୋଜନାଟି ଆରମ୍ଭ କରିଦିଆଯାଇଥାଏ । ଯେହେତୁ ଯୋଜନା ଶୀର୍ଷରୁ ନିମ୍ନ ଆଡ଼କୁ ଆସିଥାଏ ଏହା ଉଦ୍ଦିଷ୍ଟ ଅଞ୍ଚଳ ଏବଂ ଲୋକମାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବିଭିନ୍ନ ସ୍ତରରେ ବାଧାପ୍ରାପ୍ତ ବା ଅବରୁଦ୍ଧ ହୋଇଥାଏ । ଅପେକ୍ଷାକୃତ ଭାବେ ଉଚ୍ଚ ଆର୍ଥିକ ବିକାଶ ସତ୍ତ୍ୱେ ଭାରତ ସାମାଜିକ ପ୍ରଗତି ଦୃଷ୍ଟିରୁ ପଛରେ ପଡ଼ିଛି । ଆମ ଦେଶରେ ଗରିବ, କୁପୋଷିତ ଏବଂ ନିରକ୍ଷର ବ୍ୟକ୍ତିମାନଙ୍କର ଅଧିକ ସଂକେନ୍ଦ୍ରତା ଦେଖାଯାଇଛି । ଅର୍ଥାତ୍ ଭାରତରେ ଅଧିକ ଗରିବ, କୁପୋଷିତ ଏବଂ ନିରକ୍ଷର ଲୋକ ବାସ କରୁଛନ୍ତି । କେବଳ ସରକାରୀ ଅଥବା କେତେକ ବେସରକାରୀ ସଂସ୍ଥାଦ୍ୱାରା ଏହି ଆହ୍ୱାନ ଗୁଡ଼ିକୁ ସମ୍ମୁଖୀନ ହେବା ସମ୍ଭବ ନୁହେଁ, ବରଂ ଏଥିପାଇଁ ସ୍ଥାନୀୟ ଲୋକମାନଙ୍କର କାର୍ଯ୍ୟକାରୀ ସହଭାଗୀତା ଏବଂ ସହଯୋଗ ଏକାନ୍ତ ଆବଶ୍ୟକ ଅଟେ । ଲୋକମାନେ ଚାହାନ୍ତି ଏବଂ ଯୋଜନା କରନ୍ତି ଯେ, ରାସ୍ତା/ସଡ଼କ ସେମାନଙ୍କ ଘର ଦୁଆର ମୁହଁରେ ପହଞ୍ଚୁ, ପ୍ରତ୍ୟେକ ପିଲା ସ୍କୁଲରେ ପଢୁ, ସେମାନଙ୍କ ପାଖରେ ଶକ୍ତି ଏବଂ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେଉ, ସେମାନଙ୍କ କ୍ଷେତରେ ଜଳସେଚନ ପାଇଁ ଜଳ ଏବଂ ସେମାନଙ୍କର ସ୍ଥାନୀୟ ଉତ୍ପାଦ ବିକ୍ରି ପାଇଁ ବଜାର ଉପଲବ୍ଧ ହେଉ । ଏହିପରି ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସନ୍ଦର୍ଭିତ ଭିତ୍ତିଭୂମି ଯୋଜନା କାର୍ଯ୍ୟକ୍ରମର ସଫଳତା ପାଇଁ କାର୍ଯ୍ୟକାରୀ ସହଭାଗୀତା ଏବଂ ସଂଚାଳନ (Mobilisation) କୁ ନିଶ୍ଚିତ କରାଇଥାଏ । ଯୋଜନାକୁ ସଫଳ ଏବଂ ସହନଶୀଳ କରିବାକୁ ହେଲେ, ପରିସ୍ଥିତିକୀୟ ଏବଂ ଆର୍ଥିକ ଦିଗ ଗୁଡ଼ିକର ଏକ ନିଖୁଣ ସନ୍ତୁଳନ ଅତ୍ୟନ୍ତ ଆବଶ୍ୟକ ଅଟେ । ସ୍ଥାନୀୟ ଅଞ୍ଚଳ ଯୋଜନାର ମୌଳିକ ଆବଶ୍ୟକତାଗୁଡିକ ନିମ୍ନରେ ପ୍ରଦତ୍ତ ହେଲା ।

1. ଉଦ୍ଦେଶ୍ୟ ଅଥବା ଲକ୍ଷ୍ୟକୁ ବ୍ୟବସ୍ଥିତ ରୂପେ ବ୍ୟକ୍ତ କରିବା
2. ଯୋଜନାର ଲକ୍ଷ୍ୟ ଏବଂ ହାସଲ କରିବାକୁ ଥିବା ଅଗ୍ରାଧିକାରୀ (Priorities) ଗୁଡ଼ିକୁ ନିର୍ଦ୍ଧାରଣ
3. ଯୋଜନା କାର୍ଯ୍ୟକାରୀତା ପାଇଁ ସମ୍ବଳ ସଂଗ୍ରହ / ଯୋଗାଡ଼ କରିବା ।
4. ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ସାମାଜିକ ସମୂହ (Social Group) ଅଥବା ସଂଗଠନ ସୃଷ୍ଟି କରିବା
5. କରାଯାଇଥିବା ପ୍ରଗତି ନିୟମିତ ମୂଲ୍ୟାୟନ ଏବଂ ତଦାରଖ କରିବା ।

### ପାଠ୍ୟଗତ ପ୍ରଶ୍ନ 30.1

1. ସ୍ଥାନୀୟ ଅଞ୍ଚଳ ଯୋଜନାର ସଂଜ୍ଞା ନିରୂପଣ କର ।

______________________________



ଟିପ୍ପଣୀ

2. ଭାରତରେ ଯୋଜନାର ବିଭିନ୍ନ ସ୍ତରଗୁଡ଼ିକ କ'ଣ କ'ଣ ?

   ______________________________

3. କୌଣସି ଅଞ୍ଚଳର ଯୋଜନା ପାଇଁ ତିନୋଟି ଆହ୍ୱାନର ନାମ ଲେଖ ?

   ______________________________

4. ଯୋଜନାରୁ ଲୋକମାନଙ୍କର ମୌଳିକ ପ୍ରତ୍ୟାଶାଗୁଡ଼ିକ କ'ଣ କ'ଣ ଥାଏ ?

   ______________________________

5. ଯୋଜନାର ମୌଳିକ ଆବଶ୍ୟକତାଗୁଡ଼ିକ କ'ଣ କ'ଣ ?

   ______________________________

## 30.4 ଯୋଜନାର ଆଧାର (BASES OF PLANNING

ଯୋଜନାର ଅନେକଗୁଡ଼ିଏ ଆଧାର ହୋଇପାରେ ମାତ୍ର ଆମେ ଏଠାରେ କେବଳ ପରିସ୍ଥିତିକୀୟ ଏବଂ ସାମାଜିକ ଆର୍ଥିକ ଆଧାରର ଆଲୋଚନା / ଚର୍ଚ୍ଚା କରୁଛୁ ।

### (କ) ଯୋଜନାର ପରିସ୍ଥିତିକୀୟ ଆଧାର

ସମସ୍ତ ପ୍ରାକୃତିକ ଜୀବମାନଙ୍କ ସହ ସେମାନଙ୍କର ପରିବେଶ ସହ ଆନ୍ତଃସମ୍ପର୍କକୁ ବ୍ୟାଖ୍ୟା କରୁଥିବା ଅଧ୍ୟୟନକୁ ପରିସ୍ଥିତିକୀ (Ecology) କୁହାଯାଏ । ସେହି ସମସ୍ତ ବାତାବରଣ, ପରସ୍ଥିତି ଏବଂ ପ୍ରଭାବ ଯେଉଁଗୁଡ଼ିକ ଜୀବ ଅଥବା ଜୀବର ସମୂହର ବିକାଶକୁ ପ୍ରଭାବିତ କରିଥା'ନ୍ତି । ତା'କୁ ପରିବେଶ କୁହାଯାଏ । ଏଣୁ ଜୀବ ଏବଂ ସେମାନଙ୍କୁ ପ୍ରଭାବିତ କରୁଥିବା ବ୍ୟବସ୍ଥା ସନ୍ଦର୍ଭରେ ପରିସ୍ଥିତିକୀ ଏବଂ ପରିବେଶ ପରସ୍ପର ସହ ଘନିଷ୍ଠ ରୂପେ ସମ୍ପର୍କିତ ଅଟନ୍ତି । ଭୌଗଳିକ ରୂପେ, ସ୍ଥଳ ଏବଂ ସମୁଦ୍ର ମଧ୍ୟରେ ପଦାର୍ଥର ବିନିମୟ ଦୁଇଟି ପ୍ରମୁଖ ପ୍ରାକୃତିକ - ଭୌଗଳିକ (Physio- geographical) ପ୍ରକ୍ରିୟା ଦ୍ୱାରା ପ୍ରାରମ୍ଭ ହୋଇଥାଏ ।

ମଣିଷ ଏବଂ ପ୍ରକୃତି ମଧ୍ୟରେ ପାରସ୍ପରିକ କ୍ରିୟା ଅବିଚ୍ଛେଦ୍ୟ ଅଟେ । ଏହା ସାଧାରଣ ଭାବରେ ଜୀବନ ଏବଂ ବିଶେଷଭାବରେ ପରିବେଶ ମଧ୍ୟରେ ପାରସ୍ପରିକ କ୍ରିୟା ବା ଆନ୍ତଃକ୍ରିୟାର ସର୍ବୋଚ୍ଚ ସ୍ୱରୂପ ଅଟେ । କୋଟି କୋଟି ବର୍ଷ ଧରି ବିବର୍ତ୍ତିତ ହୋଇଥିବା ଜୀବନର ସ୍ୱରୂପ (Forms of life) ର ବିବିଧତା ଏବଂ ସେଗୁଡ଼ିକର ବିଭିନ୍ନ, ପ୍ରାୟତଃ ଚରମ / ବିଷମ ପରିବେଶ ବାତାବରଣ ସହ ଅନୁକୂଳନ ବାସ୍ତବିକ ଆଶ୍ଚର୍ଯ୍ୟଜନକ ଅଟେ । ପ୍ରକୃତି ସହ ମଣିଷର ଆନ୍ତଃକ୍ରିୟା ସେହି ସମୟରେ ଆରମ୍ଭ ହେଲା । ଯେବେଠୁ ସେ ନିଜକୁ ପ୍ରାକୃତିକ ପରିବେଶରୁ ଅଲଗା କରିନେଲା । ମଣିଷ ଏବଂ ପ୍ରକୃତି ମଧ୍ୟରେ ସମ୍ପର୍କ ତା'ର ଆବାସ ଭିତରେ ଗଠିତ ହୋଇଥାଏ । ମଣିଷ ପ୍ରକୃତି ଆନ୍ତଃକ୍ରିୟାର ଅନୁଭୂତି ଯୋଜନାର ଏକ ପୁରାତନ ଯୁଗୀୟ ପ୍ରଥା (Age old practice) ଅଟେ । ପ୍ରକୃତିର ସର୍ବୋତ୍ତମ ଉପଯୋଗ ପାଇଁ ମଣିଷ ପରିସ୍ଥିତିକୀୟ ବ୍ୟବସ୍ଥାରେ ଆବଶ୍ୟକୀୟ ସମାଯୋଜନା କରି ଆସୁଛି । ପରିସ୍ଥିତିକୀୟ ବ୍ୟବସ୍ଥାକୁ ସନ୍ତୁଳିତ ରଖି ଲୋକମାନଙ୍କର କଲ୍ୟାଣ ନିମିତ୍ତ ଯୋଜନା ପ୍ରଣୟନର କେତେକ ଉଦାହରଣ ହେଲା : ବନ୍ୟ ପ୍ରାଣୀମାନଙ୍କୁ ଗୃହପାଳିତ କରିବା ବା ପୋଷାମନାଇବା, ପ୍ରାକୃତିକ ବନସ୍ପତିରୁ ଉପଯୋଗୀ ଉଦ୍ଭିଦମାନଙ୍କୁ ଚୟନ କରିବା, ପର୍ବତ ଢ଼ାଲୁରେ ସୋପାନ (Terraces) ତିଆରି କରିବା, ଜଳସେଚନ ପାଇଁ ନଦୀକୁ ଆକଟ କରିବା ଅଥବା ବନ୍ୟା ନିୟନ୍ତ୍ରଣ କରିବା ଇତ୍ୟାଦି । ମାନବ ବସତିଗୁଡ଼ିକ ଜଳଉତ୍ସ ଏବଂ କର୍ମ ସ୍ଥଳୀର ଅତି ନିକଟରେ ତଥା ସୁରକ୍ଷା ଏବଂ ଗତିଶୀଳତା (ଯାତାୟାତ)କୁ ଦୃଷ୍ଟିରେ ରଖି ଯୋଜନା ବଦ୍ଧ କରାଯାଇଥିଲା । ଅଧିକାଂଶ ପ୍ରାଥମିକ ଧନ୍ଦା ଯେପରିକି - କୃଷି, ଉଦ୍ୟାନ କୃଷି, ରେଶମ ଚାଷ ଇତ୍ୟାଦି ଉତ୍ପାଦକତାର ସ୍ୱାଭାବିକ ବିଚାର ଉପରେ ଆଧାରିତ ଅଟେ । ଠିକ୍ ସେହିପରି କେତେକ ଗୌଣ ଉତ୍ପାଦନ ବ୍ୟବସ୍ଥା ଯେପରି ପ୍ରକ୍ରିୟା ସାମଗ୍ରୀ (Soft ware), କାଗଜ, ଅନେକ ସ୍ୱଚ୍ଛନ୍ଦ ଉଦ୍ୟୋଗ ଇତ୍ୟାଦିର ରୂପରେଖ ବା ଅଭିକଳ୍ପନା ଏପରି ଭାବେ କରାଯାଇଛି ଯେ, ସେଗୁଡ଼ିକ ପରିସ୍ଥିତିକୀୟ ବ୍ୟବସ୍ଥାରେ ନ୍ୟୁନତମ ବିଘ୍ନ ଘଟାଇଥା'ନ୍ତି । ମାତ୍ର ମଣିଷର କ୍ରମ ବର୍ଦ୍ଧିଷ୍ଣୁ ଚାହିଦା ଏବଂ ବାଣିଜ୍ୟିକ ଉଦ୍ୟମ ପରିସ୍ଥିତିକୀୟ ବ୍ୟବସ୍ଥାର ଗଭୀର କ୍ଷତି ପହଞ୍ଚାଇଥାଏ । ବୃହତ୍ ପରିମାଣରେ ବିକାଶାତ୍ମକ କାର୍ଯ୍ୟକଳାପ, ବନୋନ୍ମୁଳନ,



ଟିପ୍ପଣୀ

ସଂରଚନାତ୍ମକ ପରିବର୍ତ୍ତନ, ଅପଶିଷ୍ଟ ସୃଜନ, ଆଦି ମରୁଭୂମିକରଣ, ବିଶ୍ୱତାପାୟନ, ହିମଶୀର୍ଷର ତରଳିବା, ସମୁଦ୍ର ସ୍ତର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ଆଦିକୁ ତ୍ୱରାନ୍ୱିତ କରିଦେଇଛି ।

### (ଖ) ଯୋଜନାର ସାମାଜିକ - ଆର୍ଥିକ ଆଧାର

ପୃଥିବୀର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏହା 600 କୋଟିରୁ ଊର୍ଦ୍ଧ୍ୱ ହୋଇଗଲାଣି । ଲୋକମାନଙ୍କ ସର୍ବଦା ବୃଦ୍ଧି ପାଉଥିବା ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ପାଇଁ ପ୍ରାକୃତିକ ସମ୍ପଦର ଉପଯୋଗ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିକୀୟ ବ୍ୟବସ୍ଥାରେ ସମ୍ବଳ ଉପଯୋଗର ପରିସର ଏବଂ ମଣିଷର ଆବଶ୍ୟକତା ମଧ୍ୟରେ ଏକ ସନ୍ତୁଳନ ଅନୁରକ୍ଷଣ କରିବା ଏକାନ୍ତ ଆବଶ୍ୟକ ଅଟେ । ସହନଶୀଳ ବା ଧାରଣୀୟ ବିକାଶ (Sustainoble development) ପାଇଁ ସାମାଜିକ - ଆର୍ଥିକ ଯୋଜନାକୁ ପରି-ମିତ୍ର (Eco-friendly) ହେବାକୁ ପଡ଼ିବ । ପ୍ରାକୃତିକ ସମ୍ବଳର ସଦୁପଯୋଗ ବ୍ୟତୀତ, ସ୍ଥାନୀୟ ପରିବେଶ, ଗଳି (Streets), ନର୍ଦ୍ଦମା, ପାର୍କ, ଖେଳପଡ଼ିଆ, ଖୋଲାଜାଗା ପ୍ରଭୃତିକୁ ଭୂ-ପରିଦୃଶ୍ୟ (Landscapes) ଏବଂ ବୃକ୍ଷ ରୋପଣ ସହ ବିକାଶିତ କରିବାକୁ ଅବିରତ ଉଦ୍ୟମର ଆବଶ୍ୟକତା ଅଛି । ବୃକ୍ଷରୋପଣର ରୂପରେଖ, ଭୂ-ତାତ୍ତ୍ୱିକ ସଂରଚନା (Geological structure), ଉଚ୍ଚାବଚ ଏବଂ ଜଳବାୟୁ ଅବସ୍ଥା, ମୃତ୍ତିକା, ଜଳନିଷ୍କାସନ ବ୍ୟବସ୍ଥା ଏବଂ ପ୍ରାକୃତିକ ବନସ୍ପତି ଉପରେ ଆଧାରିତ ହେବା ବାଞ୍ଛନୀୟ । କ୍ଷୁଦ୍ରାକୃତି, ମଧ୍ୟମ ଏବଂ ବିଶାଳକାୟ ବୃକ୍ଷର ଦେଶୀ କିସମର ରୋପଣ, ଉପଲବ୍ଧ ସ୍ଥାନ, ଉଦ୍ଭିଦଗୁଡ଼ିକର ଅଭିବୃଦ୍ଧି ଅବସ୍ଥା, ସ୍ଥାନୀୟ ପାଣିପାଗ ଏବଂ ଜଳବାୟୁ ଅବସ୍ଥା ଉପରେ ନିର୍ଭର କରିଥାଏ । ସ୍ଥାନୀୟ ପରିବେଶର ସମୃଦ୍ଧି ଏବଂ ଅନ୍ତରକ୍ଷଣ ପାଇଁ ଲୋକମାନଙ୍କର ସହାୟତା ଏକାନ୍ତ ଅନିବାର୍ଯ୍ୟ ଅଟେ । ପ୍ରତିବଦଳରେ ଏକ ସ୍ୱାସ୍ଥ୍ୟପ୍ରଦ ପରିସ୍ଥିତିକୀୟ ବ୍ୟବସ୍ଥା ସ୍ଥାନୀୟ ଲୋକମାନଙ୍କର ଅସଂଖ୍ୟ ଆବଶ୍ୟକତା ପୂରଣ କରିବା ସଙ୍ଗେ ସଙ୍ଗେ ସବୁଜ ପରିବେଶର ଏକ ମନୋରମ ଦୃଶ୍ୟ ଉପସ୍ଥାପନ କରିଥାଏ ।

## 30.5 ସ୍ଥାନୀୟ ଅଞ୍ଚଳ ଯୋଜନାର ବିଭିନ୍ନ ପରିସର/ ଦିଗ (DIMENSIONS OF LOCALAREAPLANNING)

### (କ) ମୌଳିକ ଏବଂ ଉଚ୍ଚତର ଆବଶ୍ୟକତା (Basic and Higher Needs)

ସ୍ଥାନୀୟ ସମୁଦାୟ / ଗୋଷ୍ଠୀର କଲ୍ୟାଣ ଲୋକମାନଙ୍କର ମୌଳିକ ଏବଂ ଉଚ୍ଚତର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଉପରେ ନିର୍ଭର କରିଥାଏ । ମୌଳିକ ଆବଶ୍ୟକତାଗୁଡ଼ିକ ମଧ୍ୟରେ ଖାଦ୍ୟ, ବସ୍ତ୍ର, ଆଶ୍ରୟ ବ୍ୟତୀତ ନିରାପଦ ପାନୀୟ ଜଳ, ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟରକ୍ଷା, ପରିବହନ ଏବଂ ଯୋଗାଯୋଗ ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ । ଉଚ୍ଚତର ଆବଶ୍ୟକତାଗୁଡ଼ିକରେ ଆନୁଷଙ୍ଗିକ ସୁଖସୁବିଧାର ଏବଂ ସେବାର ଉଚ୍ଚତର କ୍ରମ / ଅବସ୍ଥାଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ । ମୌଳିକ ଆବଶ୍ୟକତାଗୁଡ଼ିକ ଜୀବିତ ରହିବା ବା ଉତ୍ତର ଜୀବିତା ପାଇଁ ଆବଶ୍ୟକ ହେଉଥିବା ବେଳେ, ଉଚ୍ଚତର ଆବଶ୍ୟକତାଗୁଡ଼ିକ ସମାଜକୁ ଦକ୍ଷ ସେବା, ଅଭିମୁଖୀ ଏବଂ ଗତିଶୀଳ ହେବାପାଇଁ ପ୍ରୟୋଜନ ହୋଇଥାଏ । ଯୋଜନାର ପ୍ରକ୍ରିୟା ଲୋକମାନଙ୍କର ଏବଂ ସ୍ଥାନମାନଙ୍କର ଚାହିଦା ପୂରଣ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ଲୋକମାନଙ୍କର ସାଧାରଣ ତଥା ପ୍ରକାର୍ଯ୍ୟାତ୍ମକ (Functional) ଆବଶ୍ୟକତା ଗୁଡ଼ିକୁ ପୂରଣ କରିବା ପାଇଁ ଯୋଜନାର ଅସଂଖ୍ୟ କାର୍ଯ୍ୟକ୍ରମ ଅଭିକଳ୍ପିତ (Designed) କରାଯାଇଥାଏ । ମାତ୍ର ଜନସଂଖ୍ୟା ବୃଦ୍ଧିର ଗତିଶୀଳତା ଏବଂ ବିଶେଷ ସ୍ଥାନମାନଙ୍କରେ କାର୍ଯ୍ୟକଳାପଗୁଡ଼ିକର ସଂକେନ୍ଦ୍ରଣ ଯୋଜନା ପ୍ରକ୍ରିୟା ପାଇଁ ଆହ୍ୱାନ ସୃଷ୍ଟି କରିଥାଏ ।

### (ଖ) ଜନସଂଖ୍ୟା ବୃଦ୍ଧିର ଗତିଶୀଳତା ଏବଂ ଯୋଜନାର ସଫଳତାର ସୁଯୋଗ (Dynamics of Population Growth and Prospect of Planning)

ଯେଉଁ ସ୍ଥାନମାନଙ୍କରେ ଜନସଂଖ୍ୟା ବୃଦ୍ଧି ସ୍ୱାଭାବିକ ହୋଇଥାଏ, ସେଠାରେ ପ୍ରକାର୍ଯ୍ୟାତ୍ମକ କାର୍ଯ୍ୟକଳାପଗୁଡ଼ିକ ଅଧିକନ୍ତୁ ଅପରିବର୍ତ୍ତିତ ଥାଏ ଏବଂ ଯୋଜନାର କାର୍ଯ୍ୟକ୍ରମଗୁଡ଼ିକ ସଫଳ ହୋଇଥାଏ । ଉଦାହରଣସ୍ୱରୂପ ସରକାରୀ ବା ବେସାମରିକ ଅଳିନ୍ଦ (Civil lines), ମଲରୋଡ୍, ଛାଉଣୀ ବସତି (Cantonment



ଟିପ୍ପଣୀ

settlements) ଇତ୍ୟାଦି ସ୍ଥାନୀୟ ଜନସଂଖ୍ୟା ବୃଦ୍ଧି ସହ ସୁଖସ୍ୱାଚ୍ଛନ୍ଦ୍ୟ ଏବଂ ସୁବିଧା ସୁଯୋଗ ପ୍ରଦାନ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ସନ୍ତୁଳନ ଉପସ୍ଥାନ କରିଥା'ନ୍ତି । ଏହାର ବିପରୀତ, ସେହି ସ୍ଥାନୀୟ ଅଞ୍ଚଳଗୁଡ଼ିକ ଯେଉଁଠାରେ ଜନସଂଖ୍ୟା ବୃଦ୍ଧ ଅଧିକ ହୋଇଥାଏ ଏବଂ କାର୍ଯ୍ୟକଳାପଗୁଡ଼ିକର ସଂକେନ୍ଦ୍ରଣ ଅବାଧିତ ହୋଇଥାଏ, ଯୋଜନା ସମ୍ପାଦନ ସାଧାରଣତଃ ଖରାପ ହୋଇଥାଏ । ଉଦାହରଣ ସ୍ୱରୂପ ବ୍ୟସ୍ତବଜାର, ଔଦ୍ୟୋଗିକ କ୍ଷେତ୍ର, ପରିବହନ ଜଙ୍କସନ୍, ଝୁମ୍ପୁଡ଼ି, ବସ୍ତି ଅଞ୍ଚଳ ଇତ୍ୟାଦି ଅପେକ୍ଷାକୃତ ଅଧିକ ଜନସଂଖ୍ୟା ବୃଦ୍ଧି ଏବଂ କାର୍ଯ୍ୟକଳାପର ସଂକେନ୍ଦ୍ରଣ ପ୍ରକଟ କରିଥା'ନ୍ତି । ଏହା ଗହଳି (Congestion) ଏବଂ ଜନାକୀର୍ଣ୍ଣତା (Crowding) ପ୍ରୋତ୍ସାହିତ କରିଥାଏ ତଥା ଯୋଜନାର ଅସଫଳତାକୁ ପ୍ରତିଫଳିତ କରିଥାଏ ।

ଗ୍ରାମୀଣ ତଥା ପଛୁଆ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ କର୍ମ ସଂସ୍ଥାନ ସୁଯୋଗର ଅଭାବ ଯୋଗୁଁ ଅଧିକାଂଶ ଗ୍ରାମୀଣ ଯୁବା ସହରଗୁଡ଼ିକୁ ପ୍ରବାସ କରିଥା'ନ୍ତି । ଏହା ମୂଳ ସ୍ଥାନମାନଙ୍କରେ ଆର୍ଥିକ ସ୍ଥିତିକୁ ଦୁର୍ବଳ ଏବଂ ଗନ୍ତବ୍ୟ ସ୍ଥାନମାନଙ୍କରେ ଜନସଂଖ୍ୟାର ସଂକେନ୍ଦ୍ରଣକୁ ପ୍ରୋତ୍ସାହିତ କରିଥାଏ । ପ୍ରବାସୀ ଜନସଂଖ୍ୟାର ସୀମିତ ଦେୟ ସାମର୍ଥ୍ୟ ଯୋଗୁଁ ସମୂହରେ ଏକାଠି ରହିଥା'ନ୍ତି ମାତ୍ର ସହରମାନଙ୍କରେ ଏମାନେ ପର୍ଯ୍ୟାପ୍ତ ଶସ୍ତା ଶ୍ରମ ଉପଲବ୍ଧ କରାଇଥା'ନ୍ତି । ଜନସଂଖ୍ୟା ବୃଦ୍ଧି ଏବଂ ସେବା, ସୁବିଧା ଏବଂ ସୁଖ-ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ବିଷମତା ବା ଅସନ୍ତୁଳନ ଯୋଗୁଁ ଅସ୍ୱାସ୍ଥ୍ୟକର ପରିମଳ ଅବସ୍ଥା, ଦୁର୍ବଳ ଜନସ୍ୱାସ୍ଥ୍ୟ ଏବଂ ସର୍ବୋପରି ସ୍ଥାନୀୟ ପରିବେଶର ଅଧୋଗତି ହୋଇଥାଏ । ଏଣୁ, ଯୋଜନା ବ୍ୟବସ୍ଥା ଏହି ଅଞ୍ଚଳଗୁଡ଼ିକରେ କ୍ରମବର୍ଦ୍ଧିଷ୍ଣୁ ସ୍ଥାନୀୟ ଚାହିଦାଗୁଡ଼ିକ ପୂରଣ କରିପାରି ନଥାଏ ।

### (ଗ) ସ୍ଥିରତା ଏବଂ ବିକାଶ ପାଇଁ ଆର୍ଥିକ ଆଧାର (Economic Basic for Stability and Development)

କୌଣସି ଅଞ୍ଚଳର ଆର୍ଥିକ ବିକାଶ, ସ୍ଥାନୀୟ ଅଞ୍ଚଳ ଯୋଜନାର ଅନ୍ୟ ଏକ ଦିଗ ଅଟେ । ଏହାର ଲକ୍ଷ୍ୟ ଉତ୍ପାଦନ ଏବଂ ସେବାସ୍ତରକୁ ବୃଦ୍ଧି କରିବା, ରୋଜଗାର ସୃଷ୍ଟିକରିବା, ଉନ୍ନତ ବଜାର ବ୍ୟବସ୍ଥା, ଅନୁକୂଳ ମୂଲ୍ୟ ନୀତି, ପରିବହନ ଓ ଯୋଗାଯୋଗର ଦକ୍ଷ ବ୍ୟବସ୍ଥା କରିବା ଇତ୍ୟାଦି । ଆର୍ଥିକ ରୂପେ ପ୍ରଗତିଶୀଳ ଅଞ୍ଚଳଗୁଡ଼ିକ ସାଧାରଣତଃ ପ୍ରାକୃତିକ ସଂରକ୍ଷଣ ଏବଂ ପରିସ୍ଥିତିକୀୟ ଉନ୍ନତିରେ ଉଲ୍ଲେଖନୀୟ ପୁଞ୍ଜିଲଗାଣ / ବିନିଧାନରେ (Investment) ସମର୍ଥ ହୋଇଥା'ନ୍ତି । ଠିକ୍ ସେହିପରି, ଯଦି ଅଞ୍ଚଳଗୁଡ଼ିକର ଆର୍ଥିକ ଆଧାର ଦୃଢ଼ ହୋଇଥିଲେ ସାମାଜିକ ଭିତ୍ତିଭୂମି (Social infrastructure)ଏବଂ ସୁବିଧାମାନ ସୃଷ୍ଟି କରାଯାଇପାରେ ।

ପ୍ରାୟ ଅଧିକାଂଶ ଅଞ୍ଚଳ-ଗ୍ରାମୀଣ କିମ୍ବା ସହରୀ, ପ୍ରାକୃତିକ ଅନ୍ତଃଶକ୍ତି (Natural Potential) ସମ୍ପନ୍ନ ହୋଇଥାଏ । ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ପ୍ରାଥମିକ କାର୍ଯ୍ୟକଳାପ ପ୍ରମୁଖ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟକ ଏବଂ ତୃତୀୟକ କାର୍ଯ୍ୟକଳାପ ସହରାଞ୍ଚଳ ଗୁଡ଼ିକର ପ୍ରମୁଖ ହୋଇଥାଏ । ଆର୍ଥିକ ବୃଦ୍ଧିର ଗତି / ବେଗ ପ୍ରଯୁକ୍ତିବିଦ୍ୟାର ଅଭିନବ କରଣ (Technoligical innovations) ଏବଂ ସଂସ୍ଥାଗତ ସମର୍ଥନ ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ । କୃଷିର ଯାନ୍ତ୍ରିକରଣ (Mechanisation) ଏବଂ ଉଦ୍ୟୋଗଗୁଡ଼ିକର ଆଧୁନିକୀକରଣ ପ୍ରଯୁକ୍ତି ବିଦ୍ୟାର ଅଭିନବକରଣର ଉଦାହରଣ ଅଟେ । ଆର୍ଥକ, ଶୈକ୍ଷିକ ଏବଂ ନୀତିସମ୍ବନ୍ଧୀୟ ସହାୟତା, ଗୋଟିଏ ଅଞ୍ଚଳର ଆର୍ଥିକ ଆଧାର ଅଭିବୃଦ୍ଧିରେ ସଂସ୍ଥାଗତ ଭୂମିକା ପାଳନ କରିଥା'ନ୍ତି । ଉତ୍ପାଦକ, ଉପଭୋକ୍ତା, ସେବା ପ୍ରଦାନକାରୀ ଏବଂ କର୍ମଚାରୀ ମାନଙ୍କର ହିତ ଭଳି ବିଷୟଗୁଡ଼ିକୁ ଯୋଜନାରେ ଦୃଷ୍ଟି ଦିଆଯିବା ଉଚିତ । ଆର୍ଥିକ ପ୍ୟାକେଜ୍‌ରେ ସ୍ୱାଭାବିକ ପରିଣାମ ସ୍ୱରୂପ କର୍ମଯୋଗାଣ ସୃଷ୍ଟି, ସଞ୍ଚୟ ଏବଂ ବିନିଧାନ (investment) ର ସାମର୍ଥ୍ୟ ବୃଦ୍ଧି ହୋଇଥାଏ । ଏହା ଦେଖିବାକୁ ମିଳିବ ଯେ, ଅଧିକାଂଶ ଆର୍ଥିକ ପ୍ୟାକେଜ୍ ସମୟ କ୍ରମେ ଲାଭ ଦାୟକ ହୋଇଥାଏ । ଶିଲଂର ଏରକା / ସନ୍ତର କାମ (Reed work) ମୋରାଦାବାଦର ପିତଳ କାମ, ବାରଣାସୀ ଏବଂ କାଞ୍ଜିଭରମ୍‌ର ରେଶମ ଓ ଜରୀକାମ, ସାଙ୍ଗାନେର୍‌ର ବାନ୍ଧନୀକାମ, ଲକ୍ଷ୍ନୌର ସୂଚୀଶିଳ୍ପ ଇତ୍ୟାଦି ସଫଳ କାହାଣୀ କେତେକ ଉଦାହରଣ ଅଟେ ଯେଉଁଗୁଡ଼ିକୁ ଆର୍ଥିକ ଯୋଜନାର ସହାୟତା ମିଳିଥିଲା । ଏହିପରି ସ୍ଥାନୀୟ ଅଞ୍ଚଳର ଉତ୍ପାଦ ଏବଂ ସେବା ସ୍ଥାନର ପରିଚୟ ଏବଂ ଲୋକମାନଙ୍କର ସମୃଦ୍ଧିକୁ ପ୍ରତିବେଦନ କରିଥାଏ ।

### (ଘ) ଯୋଜନାରେ ଲୋକମାନଙ୍କର ସହଭାଗୀତା (Peoples Participation in Planning)

ଲୋକମାନଙ୍କର ସଚେତନତା ଏବଂ ସ୍ଥାନୀୟ ଅଞ୍ଚଳ ଯୋଜନାରେ ସେମାନଙ୍କର ସହଭାଗୀତା ଗୋଷ୍ଠୀ ବା



ଟିପ୍ପଣୀ

ସମୁଦାୟର ସ୍ୱାର୍ଥ / ହିତକୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ସ୍ଥାନୀୟ ପରିସ୍ଥିତିକୀୟ ସନ୍ତୁଳନକୁ ମଧ୍ୟ ଅନୁରକ୍ଷଣ କରିଥାଏ । ଯେଉଁ ଯୋଜନା କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନେ ସଂପୃକ୍ତ ଥାଆନ୍ତି । ସେଗୁଡ଼ିକର ଅସଫଳତାର ସୁଯୋଗ ନ୍ୟୁନତମ ହୋଇଥାଏ କାରଣ ଦୁର୍ନୀତି, ଶୋଷଣ ଏବଂ କୁପରିଚାଳନା ଅନେକାଂଶରେ ଗତିରୁଦ୍ଧ ହୋଇଥାଏ । ଏହାବ୍ୟତୀତ ଉପରୋକ୍ତ ଲୋକମାନେ ପ୍ରତ୍ୟକ୍ଷ ହିତାଧିକାରୀ ହୋଇଥିବାରୁ ସାମାଜିକ କଲ୍ୟାଣ ଏବଂ ଆଞ୍ଚଳିକ ବିକାଶ ଅନ୍ତରକ୍ଷଣରେ ଏକ ଯତ୍ନଶୀଳ ମନୋବୃତ୍ତି ପୋଷଣ କରିଥା'ନ୍ତି । ଯେତେବେଳେ ସ୍ଥାନୀୟ ଲୋକମାନେ ଯୋଜନା ପ୍ରସ୍ତୁତ କରିଥାଆନ୍ତି ଏବଂ ସେମାନଙ୍କର ପ୍ରାଥମିକତା ନିର୍ଦ୍ଧାରଣ କରିଥାଆନ୍ତି ସେତେବେଳେ ଏହା ଲୋକମାନଙ୍କର ଲାଭକୁ ଅଧିକତମ ଏବଂ ଯୋଜନାର ଖର୍ଚ୍ଚକୁ ନ୍ୟୁନତମ ରଖିଥାଏ । ଅଧିକନ୍ତୁ ଏହା ସମ୍ଭବ ହୋଇଥାଏ ଯେ, ଯୋଜନା, ବିକାଶତ୍ମକ କାର୍ଯ୍ୟକଳାପରେ, ଅଭିବୃଦ୍ଧି ଏବଂ ବିବିଧତାର ଚକ୍ରକୁ ବୃଦ୍ଧି କରିଥାଏ ।

## ପାଠ୍ୟଗତ ପ୍ରଶ୍ନ 30.2

1. ପରିସ୍ଥିତିକୀୟ ଅନୁକୂଳ ଯୋଜନାର ଦୁଇଟି ଉଦାହରଣ ଲେଖ ।

   (i) ____________________ (ii) ____________________

2. ସମ୍ବଳ ଏବଂ ମାନବୀୟ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ଅନ୍ତରକ୍ଷଣର କ'ଣ ପ୍ରୟୋଜନ ରହିଛି ?

   ________________________________________

3. ସ୍ଥାନୀୟ ଅଞ୍ଚଳରେ ବୃକ୍ଷରୋପଣର ରୂପ ରେଖ / ଅଭିକଳ୍ପ (design) ପାଇଁ କେଉଁ ଆଧାରକୁ ଅବଲମ୍ବନ କରିବା ଉଚିତ ।

   ________________________________________

4. ମୌଳିକ ଏବଂ ଉଚ୍ଚତର ଆବଶ୍ୟକତାଗୁଡ଼ିକର ଦୁଇଟି ଲେଖାଏଁ ଉଦାହରଣ ପ୍ରଦାନ କର ।

   (a)(i) ____________________ (ii) ____________________

   (b)(i) ____________________ (ii) ____________________

5. ପ୍ରଯୁକ୍ତିଗତ ଅଭିନବକରଣ ଏବଂ ସଂସ୍ଥାଗତ ସହାୟତା ପ୍ରତ୍ୟେକର ଦୁଇଟି ଲେଖାଏଁ ପ୍ରଭାବର ତାଲିକା କର ।

   (a)(i) ____________________ (ii) ____________________

   (b)(i) ____________________ (ii) ____________________

## 30.6 ସ୍ଥାନୀୟ ସମ୍ବଳର ଆବଶ୍ୟକତା – ଆଧାରିତ ଉପଯୋଗ (NEED BASED UTILISATION OF LOCAL RESOURCES)

ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସେମାନଙ୍କର ଆବଶ୍ୟକତାଗୁଡ଼ିକର ପୂରଣ ପାଇଁ ଅଞ୍ଚଳର ସମ୍ବଳର ଉପଯୋଗ କରାଯାଇଥାଏ । ମଣିଷ ବଞ୍ଚିବା ପାଇଁ ବାୟୁ, ଜଳ, ଖାଦ୍ୟ, ବସ୍ତ୍ର ଏବଂ ଆଶ୍ରୟ ଅନିବାର୍ଯ୍ୟ ଆବଶ୍ୟକତା ଅଟେ । ପ୍ରକୃତିର ଉଭୟ ଜୈବିକ ଏବଂ ଅଜୈବିକ ପଦାର୍ଥଗୁଡ଼ିକ ସ୍ଥାନୀୟ ଲୋକମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିଥା'ନ୍ତି । ଉପଯୋଗୀ ଉଦ୍ଭିଦ, ପଶୁ ଏବଂ ପ୍ରାକୃତିକ ସ୍ଥଳ ଚୟନ ଦ୍ୱାରା ମାନବୀୟ କାର୍ଯ୍ୟକଳାପ ଯଥା – ଚାଷକାମ, ଉଦ୍ୟାନ କୃଷି, ମାଛଚାଷ, ଯାଯାବର ପଶୁପାଳନରେ ଉନ୍ନତି ସାଧନ ହୋଇଥାଏ । କୋଠା, ଭବନ ନିର୍ମାଣ, ଗଳି, ଜଳନିଷ୍କାସନ ବ୍ୟବସ୍ଥା, ଜଳର ଉତ୍ସ ସୁନ୍ଦର ଭୂ-ପରିଦୃଶ୍ୟ ଇତ୍ୟାଦି ସ୍ଥାନୀୟ ସମ୍ବଳ ଦ୍ୱାରା ପୂରଣ ହୋଇଥାଏ । ଯେହେତୁ ଅଧିକାଂଶ ପଦାର୍ଥ ସ୍ଥାନୀୟ ଲୋକଙ୍କର ସାମୂହିକ ସମ୍ପତ୍ତି ହୋଇଥାଏ, ସେଗୁଡ଼ିକ ସମସ୍ତଙ୍କ ଦ୍ୱାରା ନିର୍ମାଣ ସାମଗ୍ରୀ ତଥା ଜୀବନ ଯାପନର ସାଧନ ରୂପେ ଉପଯୋଗ କରାଯାଇଥାଏ । ଏଣୁ ସ୍ଥାନୀୟ ସମ୍ବଳଗୁଡ଼ିକର ଆବଶ୍ୟକତା ଆଧାରିତ ଉପଯୋଗ ପରିବେଶ ଅନୁକୂଳ ଏବଂ ଆର୍ଥିକ ରୂପେ ସହନଶୀଳ ହୋଇଥାଏ । ସ୍ଥାନୀୟ ସମ୍ବଳଗୁଡ଼ିକର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।



ଟିପ୍ପଣୀ

## (କ) ଭୂମି ସମ୍ବଳ : ଶିଳା ଓ ମୃତ୍ତିକା (Land Resources)

ସ୍ଥାନୀୟ ଅଞ୍ଚଳର ସର୍ବାଧିକ ଅସାଧାରଣ ବିଶେଷତ୍ୱ ହେଲା ଏହାର ଶିଳା ଓ ମୃତ୍ତିକା । ଏହି ଭୂମି ସମ୍ବଳ ସୁରମ୍ୟ ଭୂପରିଦୃଶ୍ୟ (Scenic landscapes)ର ଆଧାର ହେବା ବ୍ୟତୀତ ମାନବ ବସତି ଏବଂ ପ୍ରାଥମିକ କାର୍ଯ୍ୟକଳାପର ଆଧାର ମଧ୍ୟ ହୋଇଥାଏ । ଉଦ୍‌ଭାସିତ (Exposed) ଶିଳା ପୃଷ୍ଠ ପ୍ରାକୃତିକ ମଞ୍ଚ ରୂପେ କାର୍ଯ୍ୟ କରିଥାଏ । ଯଦ୍ୟପି ଏହାର ଢ଼ାଲୁ ଏବଂ ସୋପାନ ଉଦ୍ଭିଦ ବୃଦ୍ଧିର ଆଧାର ହୋଇଥାଏ । ଏହିପରି ବ୍ୟବସ୍ଥାରେ ଥିବା ସ୍ଥାନଗୁଡ଼ିକ ବଣଭୋଜି, ପାର୍କ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସ୍ଥଳୀ ରୂପେ ବିକଶିତ କରାଯାଇଥାଏ ।

ମୃତ୍ତିକା ମଣିଷର ବିଭିନ୍ନ କାର୍ଯ୍ୟକଳାପ ଯେପରିକି କୃଷି, ପଶୁପାଳନ, ଉଦ୍ୟାନକୃଷି ଇତ୍ୟାଦି ପାଇଁ ଆଧାର ହୋଇଥାଏ । ଉର୍ବର ମୃତ୍ତିକା ମଣିଷ ସଭ୍ୟତା ତଥା ବିକାଶ ପାଇଁ ସର୍ବଦା ଆକର୍ଷଣର ଉତ୍ସ ହୋଇ ରହି ଆସିଛି । ମାତ୍ର ପ୍ରକୃତିର ଏହି ବିରଳ ଉପହାର ପ୍ରଚୁର କ୍ଷୟ ଏବଂ ନିମ୍ନୀକରଣ ଦ୍ୱାରା ସଙ୍କଟାପନ୍ନ ହୋଇଛି ଏବଂ ତୀବ୍ର ଗତିରେ ପତିତ ଭୂମି (Waste land)ରେ ପରିଣତ ହେଉଛି । ବିଶାଳ ପରିମାଣରେ ବନୋନ୍ମୂଳନ ଏବଂ ଭୂମିର ବାଣିଜ୍ୟିକ ଉପଯୋଗ ମୃତ୍ତିକା ବ୍ୟବସ୍ଥାରେ ଅସନ୍ତୁଳନ ଉତ୍ପତି କରିଛି । ଯେହେତୁ ମୃତ୍ତିକାର ସଂରଚନା (ନିର୍ମାଣ) ଏହାର ପୁନଃନବୀକରଣ ଯୋଗ୍ୟତା ଏବଂ ପୁନଃସ୍ଥାପନ ପାଇଁ ଦୀର୍ଘ ସମୟ ଆବଶ୍ୟକ ହୋଇଥାଏ, ମୃତ୍ତିକା ସଂରକ୍ଷଣ ଏବଂ ଏହାର ପ୍ରାକୃତିକ ଉର୍ବରତା ଅନ୍ତରକ୍ଷଣର ଅତ୍ୟନ୍ତ ଆବଶ୍ୟକତା ରହିଛି ।

## (ଖ) ଜଳ ସମ୍ପଦ (Water Resources)

ଜୀବନକୁ ଦୀର୍ଘମିଆଦି ଆଧାରରେ ବିକଶିତ ଏବଂ ପ୍ରତିପୋଷଣ କରିବା ପାଇଁ ଜଳର ଉପଲବ୍ଧତା ଏକ ଅନ୍ୟତମ ସର୍ବାଧିକ ମୌଳିକ ଆବଶ୍ୟକତା ଅଟେ । ଏହା ସମସ୍ତ ପରିସଂସ୍ଥାର କେନ୍ଦ୍ର ଅଟେ । ଅଧିକାଂଶ ପୁରାତନ ମାନବ ସଭ୍ୟତା ଜଳ ଉତ୍ସ ନିକଟରେ ବିଶେଷ କରି ଉର୍ବର ନଦୀର ଉପତ୍ୟକା ଗୁଡ଼ିକରେ ବିକଶିତ ହୋଇଥିଲା । ଉଭୟ ମାନବୀୟ କାର୍ଯ୍ୟକଳାପ ଏବଂ ବସତି ପାଇଁ ଜଳ ଏକ ଅନିବାର୍ଯ୍ୟ ଉପାଦାନ ଅଟେ । ଜଳକୁ ବିଭିନ୍ନ ପ୍ରକାର ଉଦ୍ଦେଶ୍ୟ ଯଥା - ଶକ୍ତି (ବିଦ୍ୟୁତ୍) ଉତ୍ପାଦକ, ଜଳସେଚନ, ଘରୋଇ ଏବଂ ଔଦ୍ୟୋଗିକ ଉପଯୋଗ ପାଇଁ ତଥା ସ୍ଥାନୀୟ ଅଞ୍ଚଳକୁ ସ୍ୱଚ୍ଛ ଏବଂ ସବୁଜ ରଖିବା ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ ।

ଜଳର ଦୁରୁପଯୋଗ ଜଳ ସଙ୍କଟ ସୃଷ୍ଟି କରିଥାଏ । ଜଳ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ମରୁଡ଼ି ଦେଖାଦେଇଥାଏ । ଏଥିପାଇଁ ଜଳ ପରିଚାଳନା ଜୀବନ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା ଅଟେ । ଜଳ ଅମଳ ବା ସଂଗ୍ରହଣ (Water harvesting), ଜଳର ଅପଚୟ ହ୍ରାସ କରିବା ଏବଂ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଜଳର ସମୁଚିତ ଉପଯୋଗ ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି । ବର୍ଷା ଜଳର ପୃଷ୍ଠ ପ୍ରବାହକୁ ଗତିରୋଧ କରିବା ପାଇଁ ଜଳର ମୃତ୍ତିକାର ଅଧୋପୃଷ୍ଠ ସ୍ତର (Subsurface layer of soil) ପର୍ଯ୍ୟନ୍ତ ପୁନର୍ଭରଣ (Recharge) ଅନିବାର୍ଯ୍ୟ ଅଟେ । ଜଳର ପୁନର୍ଭରଣରେ ଟାଙ୍କି, ହ୍ରଦ, ଅନ୍ତଃସ୍ରବଣ ଗର୍ତ୍ତ (Percolation pits), ଗଡ଼ାଣିଆ ପୃଷ୍ଠ ସହ ଛୋଟ ବନ୍ଧଗୁଡ଼ିକର ଉପଯୋଗ ସହାୟତା ପ୍ରଦାନ କରିଥାଏ ।

## (ଗ) ରୋପଣ / ଜଙ୍ଗଲ ସମ୍ପଦ (Plantalions / Forest Resources)

ଉଦ୍ଭିଦଗୁଡ଼ିକ ଜୀବନର ମୌଳିକ ସ୍ୱରୂପ ଅଟନ୍ତି ଏବଂ ଅମ୍ଳଜାନର ଉତ୍ସରୂପେ କାର୍ଯ୍ୟ କରିଥାଆନ୍ତି । ସେମାନେ ଜୀବିକା ନିର୍ବାହ ଏବଂ ପ୍ରାକୃତିକ ଆକର୍ଷଣର ସାଧନ ହୋଇଥା'ନ୍ତି । ଜନସଂଖ୍ୟାର ନିରନ୍ତର କ୍ରମବର୍ଦ୍ଧିଷ୍ଣୁ ଚାପ ଯୋଗୁଁ ଅରଣ୍ୟ ଆଚ୍ଛାଦନ ଦ୍ରୁତ ବେଗରେ ହ୍ରାସ ପାଇଛି ଏବଂ ଗମ୍ଭୀର ପରିବେଶୀୟ ସଙ୍କଟ ଉତ୍ପନ୍ନ ହୋଇଛି । ଜାତୀୟ ରାଜପଥ, ରେଳପଥ, ପାହାଡ଼ିଆ ଢ଼ାଲୁ, କେନାଲ କଡ଼ରେ ବୃକ୍ଷ ରୋପଣ ମାଧ୍ୟମରେ ସାମାଜିକ ବନୀକରଣ, କୃଷି ବନୀକରଣ ଇତ୍ୟାଦି ଭଳି ଯୋଜନା କାର୍ଯ୍ୟକ୍ରମ ବିକଶିତ କରାଯାଇଛି ।

ବୃକ୍ଷରୋପଣ ଏବଂ ସେଗୁଡ଼ିକର ସୁରକ୍ଷା ପାଇଁ ସ୍ଥାନୀୟ ଲୋକମାନଙ୍କର ସଂଗଠିତ ଉଦ୍ୟମ ଆବଶ୍ୟକ ଅଟେ । ଏହା ଲୋକମାନଙ୍କର ଆନୁଷ୍ଠାନିକ ରୀତି ଏବଂ ପ୍ରଥା ହୋଇ ଚଳି ଆସିଛି । ଉଦାହରଣସ୍ୱରୂପ ବିଶେଷ କରି ହରିୟାଣା ଏବଂ ରାଜସ୍ଥାନର ବିଭିନ୍ନ ଅଂଶ / ଅଞ୍ଚଳରେ ବିଷ୍ଣୋୟୀ ସମ୍ପ୍ରଦାୟ ଉଦ୍ଭିଦ ସୁରକ୍ଷା ପାଇଁ ପ୍ରସିଦ୍ଧ ଅଟନ୍ତି । ଠିକ୍ ସେହିପରି କୁମାୟୁଁ ପାର୍ବତ୍ୟ ଅଞ୍ଚଳରେ ମୈତୀ ବିବାହ ସମ୍ବନ୍ଧୀୟ ପ୍ରଥା ପ୍ରଚଳିତ ଅଛି । ବିବାହ ସମାରୋହ ସମୟରେ କନ୍ୟା



ଟିପ୍ପଣୀ

ଏକ ନୂତନ ଚାରାଗଛ ରୋପଣ କରିଥାଏ ଏବଂ ବର ତା'ଉପରେ ପାଣି ଢ଼ାଳିଥାଏ । ଏହି ପ୍ରଥା କୁମାୟୁଁର ଅନେକ ଗାଁକୁ ସବୁଜ କରିଦେଇଛି । ବୃକ୍ଷ ଆବରଣର ସୁରକ୍ଷା ଏବଂ ଅଭିବୃଦ୍ଧି ଜୀବନର ଭରଣ-ପୋଷଣର ମୌଳିକ ଆଧାର ଅଟେ । କାରଣ ବୃକ୍ଷ ଭବନ / ନିର୍ମାଣ ସାମଗ୍ରୀ ଇନ୍ଧନ ଏବଂ ଜାଳେଣି କାଠ, ବ୍ୟତୀତ ବିଭିନ୍ନ ପ୍ରକାର ଫଳ, ଫୁଲ ଏବଂ ସବୁଜ ଆବରଣ ପ୍ରଦାନ କରିଥାଏ ।

## 30.7 ସ୍ଥାନୀୟ ସମ୍ବଳର ଆକଳନ / ନିର୍ଦ୍ଧାରଣ (ASSESSING THE LOCAL RESOURCES)

ଯୋଜନା ପାଇଁ ସ୍ଥାନୀୟ ସମ୍ବଳଗୁଡ଼ିକର ଆକଳନ / ନିର୍ଦ୍ଧାରଣ ନିତାନ୍ତ ଆବଶ୍ୟକ ଅଟେ । ସ୍ଥାନୀୟ ସମସ୍ୟାର ଖୋଜିବା ଏବଂ ବିକାଶର ଉଦ୍ଦେଶ୍ୟ ପାଇଁ ସ୍ଥାନୀୟ ସମ୍ବଳଗୁଡ଼ିକ ବିଷୟରେ ଆମର ଏକ ଧାରଣା ଥିବା ଉଚିତ । ସାଧାରଣତଃ ଭୂମି, ମୃତ୍ତିକା, ଜଳ, ଅରଣ୍ୟ, ପଶୁ, ଅନ୍ୟ ଜୀବ, ଖଣିଜ ପଦାର୍ଥ ଇତ୍ୟାଦି କୌଣସି ଏକ ଅଞ୍ଚଳର ପ୍ରାକୃତିକ ସମ୍ବଳ ଗଠନ କରିଥା'ନ୍ତି । ଠିକ୍ ସେହିପରି ମଣିଷ, ସେମାନଙ୍କର ଶୈକ୍ଷିକ ସ୍ତର, ମାନବୀୟ କାର୍ଯ୍ୟକଳାପ, କୌଶଳ / ଦକ୍ଷତା, ସ୍ୱାସ୍ଥ୍ୟ ଅବସ୍ଥା ଇତ୍ୟାଦି ମାନବ ସମ୍ବଳର ଅନ୍ତର୍ଭୁକ୍ତ ଅଟନ୍ତି । କ୍ଷେତ୍ରୀୟ ସର୍ବେକ୍ଷଣ ମାଧ୍ୟମରେ ଏବଂ ସେହି ଅଞ୍ଚଳର ଅଭିଲେଖ ସହାୟତାରେ ସ୍ଥାନୀୟ ଉପଲବ୍ଧ ସମ୍ବଳଗୁଡ଼ିକର ଏକ ଦ୍ରବ୍ୟ - ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ । ଉଦାହରଣସ୍ୱରୂପ ଭୂମି ସମ୍ବଳ ସନ୍ଦର୍ଭରେ ମୋଟ କ୍ଷେତ୍ରଫଳ (ଗ୍ରାମ ଅଥବା ସହରୀ ଅଞ୍ଚଳ)ର ଅନୁମାନ ଶିଳା ଓ ମୃତ୍ତିକାର ପ୍ରକାର, ଭୂ-ଧାରଣର ଆକାର, ପ୍ଲଟ ସଂଖ୍ୟା, ଭୂମି ଉପଯୋଗର ପ୍ରକୃତି ଏବଂ ପ୍ରକାର ଇତ୍ୟାଦି ଅଭିଲେଖନ କରାଯିବା ଉଚିତ । ଠିକ୍ ସେହିପରି ଜଳ ସମ୍ପଦ କ୍ଷେତ୍ରରେ ନଦୀ, ନାଳ, ପୋଖରୀ, ହ୍ରଦର ସର୍ବେକ୍ଷଣ ସେଗୁଡ଼ିକର ଦୈର୍ଘ୍ୟ, ପ୍ରସ୍ଥ ଏବଂ ଜଳର ଗଭୀରତା ଜାଣିବାକୁ ପଡ଼ିବ ଯାହାଦ୍ୱାରା ଜଳ ଉପଲବ୍ଧତା, ଜଳ ବଳକା କିମ୍ବା ନିଅଣ୍ଟ ଅବସ୍ଥା, ଜଳ ଉପଭୋଗ ସହ ସଂଯୁକ୍ତ ପ୍ରମୁଖ ସମସ୍ୟାଗୁଡ଼ିକ ବିଷୟରେ ଏକ ଧାରଣା ବା ପୂର୍ବାନୁମାନ ମିଳିବ । ଇନ୍ଧନ, ଜାଳେଣି କାଠ, ଇନ୍ଧନ, ଘର ତିଆରି ପାଇଁ କାଠ, ଫଳ, ଫୁଲ ରୂପେ ଗୋଷ୍ଠୀ ପାଇଁ ସେଗୁଡ଼ିକର ବିଶେଷ ଉପଯୋଗର ଏକ ପୂର୍ବାନୁମାନ ବା ଆକଳନ କରିବାକୁ ପଡ଼ିବ । ଠିକ୍ ସେହିପରି ମାନବ ଏବଂ ପଶୁ ସମ୍ପଦର ମଧ୍ୟ ଆକଳନ କରିବା ଉଚିତ୍ ।

### (କ) ସ୍ଥାନୀୟ ସମ୍ବଳର ଆକଳନ ପାଇଁ ତଥ୍ୟାବଳୀ ସଂଗ୍ରହର ଉତ୍ସ (Sources of Collecting data to assess Local Resources)

ଏଣୁ ସ୍ଥାନୀୟ ସମ୍ବଳଗୁଡ଼ିକର ଆକଳନ ପାଇଁ ଆମେ ସରକାରୀ ଏବଂ ବେସରକାରୀ ଉତ୍ସଗୁଡ଼ିକ କାମରେ ଲଗାଇପାରିବା । ଦ୍ୱିତୀୟକ ଉତ୍ସଗୁଡ଼ିକ ମାଧ୍ୟମରେ ସୂଚନା ସଂଗ୍ରହ ବ୍ୟତୀତ, ଆମେ ନିର୍ଦ୍ଦିଷ୍ଟ ସୂଚନା ସଂଗ୍ରହ ପାଇଁ ଅଥବା ଦ୍ୱିତୀୟକ ଉତ୍ସଗୁଡ଼ିକରୁ ଉପଲବ୍ଧ ହେଉନଥିବା ପ୍ରାଥମିକ ତଥ୍ୟାବଳୀର ସଂଗ୍ରହ ପାଇଁ କ୍ଷେତ୍ର ସର୍ବେକ୍ଷଣ କରିପାରିବା ।

### (ଖ) ଯୋଜନା ପ୍ରସ୍ତୁତ କରିବା ଏବଂ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା (Preparing a plan and Ensuring its inpleneutations)

ସ୍ଥାନୀୟ ସମ୍ବଳଗୁଡ଼ିକର ଆକଳନ ଆଧାରିତ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା ବାଞ୍ଛନୀୟ । ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ, ଖୁଚୁରା, ବଜାର ଇତ୍ୟାଦିର ସମସ୍ତ ଦିଗକୁ ମୋଟାମୋଟି ଭାବେ ଅନ୍ତର୍ଭୁକ୍ତ କରୁଥିବା ଯୋଜନାରେ ସାମୁଦାୟିକ ପ୍ରକାର୍ଯ୍ୟ (Community functions) ବ୍ୟତୀତ କୃଷି ତଥା ଔଦ୍ୟୋଗିକ କାର୍ଯ୍ୟକଳାପର ଅଭିବୃଦ୍ଧିକୁ ସାମିଲ କରିବା ଉଚିତ୍ । ଯୋଜନାର ସଂରଚନା, ସ୍ଥାନୀୟ ସମ୍ବଳଗୁଡ଼ିକର ଉପଲବ୍ଧତା, ଲୋକମାନଙ୍କର ଆବଶ୍ୟକତା, ସମ୍ଭାବ୍ୟ ବ୍ୟୟ ତଥା ଲୋକମାନଙ୍କର ପ୍ରାକ୍କଳିତ (Estimated) ହିତ ବା ଲାଭ ଉପରେ ଆଧାରିତ ହେବା ନିତାନ୍ତ ବାଞ୍ଛନୀୟ । ଯୋଜନାକୁ ସମୟ ଏବଂ ଲକ୍ଷ୍ୟ ଅନୁସାରେ ପର୍ଯ୍ୟାୟକ୍ରମେ ସମ୍ପନ୍ନ ବା ସମାପ୍ତ କରିଦେବା ଉଚିତ୍ ।

ସ୍ଥାନୀୟ ଅଞ୍ଚଳର ଯୋଜନାର କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ପାଇଁ, ଶ୍ରମ, କଞ୍ଚାମାଲ, କୌଶଳ / ଦକ୍ଷତା ଏବଂ ମାର୍ଗ ଦର୍ଶନ ରୂପେ ସ୍ଥାନୀୟ ଲୋକଙ୍କର ସମର୍ଥନ ନିମିତ୍ତ ପ୍ରୟାସ କରାଯିବା ବାଞ୍ଛନୀୟ । ଏହାସହ ସରକାରୀ, ବେସରକାରୀ



ଟିପ୍ପଣୀ

ସଂଗଠନ / ସଂସ୍ଥା ସ୍ୱୟଂ ସହାୟକ ସମୂହ ଇତ୍ୟାଦିର ସମର୍ଥନ ଅର୍ଥ, ପ୍ରଯୁକ୍ତିବିଦ୍ୟା (Technology) ଏବଂ ସାମଗ୍ରୀ ସହାୟତା ରୂପେ ପ୍ରାପ୍ତ କରିବାକୁ ପଡ଼ିଥାଏ । କରାଯାଇଥିବା କାମର ତଦାରଖ ନିଶ୍ଚିତ କରିବା ପାଇଁ କାର୍ଯ୍ୟକାରୀ ଯାଞ୍ଚ ତଥା ନିୟନ୍ତ୍ରଣ ବ୍ୟବସ୍ଥା ଅନୁସରଣ କରିବା ବାଞ୍ଛନୀୟ । ଏହା ପ୍ରାୟତଃ ଦେଖାଯାଇଥାଏ ଯେ, କୋଠାଘର, ଟ୍ୟାପ୍ ପାଣି, ସାର୍ବଜନୀକ ଶୌଚାଳୟ ଇତ୍ୟାଦି ପ୍ରବର୍ତ୍ତନ / ସେବାଗୁଡ଼ିକର ଦୁରୂପଯୋଗ ଅଥବା ବେପରୁଆ ବ୍ୟବହାର ପାଇଁ ସେହି ସଂରଚନା ଯେଉଁଗୁଡ଼ିକ ଯୋଜନା ଦ୍ୱାରା ଥରେ ସୃଷ୍ଟି କରାଯାଇଥିଲା, ସେଗୁଡ଼ିକର ଅନୁରକ୍ଷଣ ଠିକ୍ ଭାବେ ହୋଇନଥାଏ । ସ୍ଥାନୀୟ ସମ୍ୱଳଗୁଡ଼ିକୁ ଅଣସ୍ଥାନୀୟ ଲୋକଙ୍କ ଦ୍ୱାରା ବାଣିଜ୍ୟିକ ଉପଯୋଗ ପାଇଁ ଖୋଲା ଛାଡ଼ିଦେବା ଉଚିତ୍ ନୁହେଁ, କାରଣ ଏହାଦ୍ୱାରା ସମ୍ୱଳଗୁଡ଼ିକର ଅତ୍ୟଧିକ ଦୋହନ ଏବଂ ପରବର୍ତ୍ତୀ କାଳରେ ନିଃଶେଷ କରଣର ସମ୍ଭାବନା ସୃଷ୍ଟି ହୋଇଥାଏ । ଯୋଜନାବଦ୍ଧ ପ୍ରକଳ୍ପ ଗୁଡ଼ିକର ଅନୁରକ୍ଷଣ (Maintanance) ତଥା ରକ୍ଷଣାବେକ୍ଷଣ ପାଇଁ ବିଶେଷ ଧ୍ୟାନ ବା ଦୃଷ୍ଟି ଦେବା ଆବଶ୍ୟକ ହୋଇଥାଏ ।

ଏଣୁ ଏହା ପ୍ରତିପାଦିତ ହୋଇସାରିଛି ଯେ, ସ୍ଥାନୀୟ ସମ୍ୱଳର ଆବଶ୍ୟକତା ଆଧାରିତ ଉପଯୋଗ ଗୋଷ୍ଠୀ ବା ସମୁଦାୟର ଉତ୍ତରଜୀବିତା ଏବଂ ବିକାଶ ପାଇଁ ଅନିବାର୍ଯ୍ୟ ଅଟେ । ତଥାପି ପରିସ୍ଥିତିକୀୟ ଅବସ୍ଥା ଏବଂ ଗୋଷ୍ଠୀର ସାମାଜିକ - ଅର୍ଥନୈତିକ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ଅନୁରକ୍ଷିତ ହେବା ଆବଶ୍ୟକ । ଏଥିପାଇଁ, ଯୋଜନାର ପ୍ରଣାଳୀ / ପ୍ରକ୍ରିୟାଗୁଡ଼ିକ ପରିସ୍ଥିତିକୀୟ ବ୍ୟବସ୍ଥା ଏବଂ ସ୍ଥାନୀୟ ଲୋକଙ୍କ ସାମାଜିକ - ଅର୍ଥନୈତିକ ଆବଶ୍ୟକତା ପରିବର୍ତ୍ତିତ ହୋଇଥାଏ ।

## 30.8 ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ଗୁଡ଼ିକରେ ବିକାଶ (DEVELOPMENT OVER DIFFERENT FIVE YEAR PLANS)

ଭାରତ ନିଜର ଅର୍ଥବ୍ୟବସ୍ଥା ଏବଂ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ଯୋଜନାବଦ୍ଧ ପ୍ରୟାସ କରୁଅଛି । ଯୋଜନାଗୁଡ଼ିକ ପାଞ୍ଚ ବର୍ଷର ଅବଧି ପାଇଁ ଅଭିକଳ୍ପିତ (Designed) କରାଯାଉଛି । ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନା 1951ରେ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏକାଦଶ ପଞ୍ଚବାର୍ଷିକ ଯୋଜନା ପ୍ରଚଳିତ ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରଗତି ଭାରତରେ 55 ବର୍ଷର ଯୋଜନାବଦ୍ଧ ପ୍ରୟାସର ଅଭିଲେଖ (Record) ଅଟେ ଯାହା ଦଶଟି ପଞ୍ଚବାର୍ଷିକ ଯୋଜନା ଏବଂ କିଛି ବାର୍ଷିକ ଯୋଜନା ମାଧ୍ୟମରେ କାରାଯାଇଛି । ବିଭିନ୍ନ ଯୋଜନା ଏବଂ ସେଗୁଡ଼ିକର ସ୍ଥାନୀୟ ଅଞ୍ଚଳ ଅଭିକଳ୍ପ / ରୂପରେଖର ସଂକ୍ଷିପ୍ତ ଧାରଣା ତଥା ବିକାଶ ଉପରେ ବିଶେଷ ଗୁରୁତ୍ୱ ନିମ୍ନ ପ୍ରଦତ୍ତ ତର୍ଥ ଫର୍ଦ୍ଦ (Chart) ମାଧ୍ୟମରେ ବ୍ୟାଖ୍ୟା କରାଯାଇଛି ।

**ସାରଣୀ ନଂ 30.2**

**ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ସ୍ଥାନୀୟ ଅଞ୍ଚଳ ବିକାଶ**

| ଯୋଜନା ଏବଂ ଏହାରଅବଧି | ସ୍ଥାନୀୟ ଅଞ୍ଚଳର ଅଭିକଳ୍ପ ବା ରୂପରେଖ | ବିକାଶ ଉପରେ ବିଶେଷ ଗୁରୁତ୍ୱ |
|---|---|---|
| 1. ପ୍ରଥମ ପଞ୍ଚବାର୍ଷିକ ବିକାଶଯୋଜନା 1951 - 1956 | ଗୋଷ୍ଠୀ / ସାମୁଦାୟ ଉନ୍ନୟନ ବ୍ଲକ୍‌ଗୁଡ଼ିକ ଚିହ୍ନଟ କରାଗଲା | ଜଳସେଚନ ତନ୍ତ୍ରର ଏବଂ କୃଷି ଉତ୍ପାଦନରେ ବୃଦ୍ଧି |
| 2. ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା 1956-1961 | ଶିଳ୍ପାଞ୍ଚଳ (Industrial Estates) ଗୁଡ଼ିକ ପ୍ରତିଷ୍ଠା କରାଗଲା । | ଔଦ୍ୟୋଗିକ ବିକାଶରେ ଆତ୍ମନିର୍ଭରତା । |
| 3. ତୃତୀୟ ଯୋଜନା 1961-1966 | ଗହନ କୃଷି ସମ୍ୱନ୍ଧୀୟ ଜିଲ୍ଲା କାର୍ଯ୍ୟକ୍ରମ । (Intensive Agricultural District Programme IADP) | ଅର୍ଥବ୍ୟବସ୍ଥାର କୃଷି ଏବଂ ଔଦ୍ୟୋଗିକ ଉଭୟ କ୍ଷେତ୍ରରେ ଉତ୍ପାଦନର ଉଚ୍ଚତର ସ୍ତର ହାସଲ କରିବା । |





| | | |
|---|---|---|
| 4. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା 1969 - 1974 | ଗହନ କୃଷି ସମ୍ବନ୍ଧୀୟ ଜିଲ୍ଲା କାର୍ଯ୍ୟକ୍ରମ । | ଲକ୍ଷ୍ୟ ଅଞ୍ଚଳ / କ୍ଷେତ୍ର, ଲକ୍ଷ୍ୟ ସମୂହ |
| 5. ପଞ୍ଚମ ପଞ୍ଚବାର୍ଷିକ ଯୋଜନା 1974 - 19798 | ବିକେନ୍ଦ୍ରିତ ଯୋଜନା ପ୍ରଣୟନ, ଆଦିବାସୀ ଅଞ୍ଚଳ, ପାହାଡ଼ିଆ ଅଞ୍ଚଳ ମରୁଡ଼ି ପ୍ରବଣ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ । | ଜାତୀୟ ନ୍ୟୂନତମ ଆବଶ୍ୟକତା କାର୍ଯ୍ୟକ୍ରମ, ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ । (IRDP) |
| 6. ଷଷ୍ଠ ପଞ୍ଚବାର୍ଷିକ ଯୋଜନା 1980 - 1985 | ବହୁକ୍ଷେତ୍ରୀୟ ଉପଗମନ (Multi-Sectoral Approach) ଡ୍ୱାକ୍ରା(DWCRA), ଟ୍ରାଇସେମ୍ (TRYCEM), ଆର୍.ଏଲ୍.ଇ.ଜି.ପି. (RLEGP) | ଦାରିଦ୍ର୍ୟ ଦୂରୀକରଣ, କ୍ଷୁଦ୍ରଚାଷୀ ବିକାଶ, ସୀମାନ୍ତ ଅଞ୍ଚଳ, ପଛୁଆ ଜିଲ୍ଲା (SFDA) |
| 7. ସପ୍ତମ ପଞ୍ଚବାର୍ଷିକ ଯୋଜନା 1985-1990 | କୃଷି ଜଳବାୟୁ ମଣ୍ଡଳ ଜଳଛାୟା ବିକାଶ | ସ୍ୱରୋଜଗାର ଯୋଜନା, ଜବାହାର ରୋଜଗାର ଯୋଜନା |
| 8. ଅଷ୍ଟମ ପଞ୍ଚବାର୍ଷିକ ଯୋଜନା 1992-1997 | ପଞ୍ଚାୟତ ରାଜସଂସ୍ଥା, ଏଇଚ୍.ଏ.ଡ଼ି.ପି., ବି.ଏ.ଡି.ପି, ଡବ୍ଲୁ. ଜି.ଡ଼ି.ପି, ଏନ୍.ଇ.ସି. | ମାନବ ସମ୍ବଳ ବିକାଶ, ଆର୍ଥିକ ବିବିଧକରଣ(Economic diversification |
| 9. ନବମ ପଞ୍ଚବାର୍ଷିକ ଯୋଜନା 1997-2002 | ମୌଳିକ ନ୍ୟୂନତମ ସେବା (Basic Minimum Service) -BMS) | ମାନବ ସମ୍ବଳ ବିକାଶ, ଲୋକଙ୍କ ପାଇଁ ଆବାସ, ଦୂରବର୍ତ୍ତୀ ଗ୍ରାମୀଣ ଅଞ୍ଚଳର ସ୍ୱାସ୍ଥ୍ୟ ଶିକ୍ଷା |
| 10. ଦଶମ ପଞ୍ଚବାର୍ଷିକ ଯୋଜନା 2002 - 2007 | ପ୍ରମୁଖ ନଦୀଗୁଡ଼ିକୁ ସଫା କରିବା, ବର୍ଷା ଜଳ ଅମଳା (ପାରମ୍ପରିକ ପଦ୍ଧତିଗୁଡ଼ିକର ନବୀକରଣ) ନଦୀ ଗୁଡ଼ିକର ସଂଯୁକ୍ତି କରଣ, ଶୁଷ୍କ ଅଞ୍ଚଳ ଗୁଡ଼ିକରେ ଜଳ ଅମଳ | ସାର୍ବଜନିକ ବିତରଣ ବ୍ୟବସ୍ଥା ବା ସାଧାରଣ ବଣ୍ଟନ ବ୍ୟବସ୍ଥା (Public Distributional/ System) ସମ୍ପୂର୍ଣ୍ଣ ସାକ୍ଷରଣତା ଅଭିଯାନ, ଜାତୀୟ ସାକ୍ଷରତା ମିଶନ, ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ସହରୀ ସୁଖ ସ୍ୱାଚ୍ଛନ୍ଦ୍ୟ ର ବ୍ୟବସ୍ଥା, ସମସ୍ତଙ୍କ ପାଇଁ ଶିକ୍ଷା |

## ପାଠ୍ୟଗତ ପ୍ରଶ୍ନ 30.3

1. ଆଞ୍ଚଳିକ / କ୍ଷେତ୍ରୀୟ ଯୋଜନାରେ ଲୋକମାନଙ୍କର ଭୂମିକା କ'ଣ ଅଟେ ?

______________________________

2. ପ୍ରଥମ ଏବଂ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ବିକାଶର କେଉଁ କେଉଁ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ?

______________________________



ଟିପ୍ପଣୀ

3. ଦଶମ ପଞ୍ଚ ବାର୍ଷିକ ଯୋଜନାର ଲକ୍ଷ୍ୟଗୁଡ଼ିକ କ'ଣ କ'ଣ ?

______________________________________

4. ସ୍ତମ୍ଭ 1 ରେ ଦର୍ଶାଯାଇଥିବା ଯୋଜନାଗୁଡ଼ିକ ସହ ସ୍ତମ୍ଭ 11ରେ ସୁପାରିଶ କରାଯାଇଥିବା ସ୍ଥାନୀୟ ଅଞ୍ଚଳ ଯୋଜନାକୁ ମିଳାଅ ।

| ସ୍ତମ୍ଭ I<br>ଯୋଜନା | | ସ୍ତମ୍ଭ - II<br>ସୁପାରିଶ କରାଯାଇଥିବା ସ୍ଥାନୀୟ ଅଞ୍ଚଳ ଯୋଜନା |
|---|---|---|
| (କ) ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନା | 1. | ସନ୍ତୁଳିତ ଆଞ୍ଚଳିକ ବିକାଶ |
| (ଖ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନା | 2. | ଔଦ୍ୟୋଗିକ ବିକାଶରେ ଆତ୍ମନିର୍ଭରତା ପାଇଁ ଔଦ୍ୟୋଗିକ ସଂସ୍ଥା / ଶିଳ୍ପାଞ୍ଚଳ (Indusfial Estae) |
| (ଗ) ପଞ୍ଚମ ପଞ୍ଚବାର୍ଷିକ ଯୋଜନା | 3. | ଦାରିଦ୍ର୍ୟ ଦୂରୀକରଣ, ଡ୍ୱାକ୍ରା (DWCRA), ଟାଇସେମ୍ (EM)ଆର୍.ଏଲ୍, ଜି.ପି. (RLEGP) |
| (ଘ) ଷଷ୍ଠ ପଞ୍ଚବାର୍ଷିକ ଯୋଜନା | 4. | ପ୍ରମୁଖ ନଦୀଗୁଡ଼ିକର ପରିଷ୍କରଣ, ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ, ଜାତୀୟ ସାକ୍ଷରତା ମିଶନ, ଗ୍ରାମୀଣ ଅଞ୍ଚଳରେ ସହରୀମୁଖି ସ୍ୱାଚ୍ଛନ୍ଦ୍ୟ ବ୍ୟବସ୍ଥା, ବର୍ଷାଜଳ ଅମଳ / ସଂଗ୍ରହଣ |
| (ଙ) ଦଶମ ପଞ୍ଚବାର୍ଷିକ ଯୋଜନା | 5. | ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP) |

## 30.9 ବିଭିନ୍ନ ଯୋଜନା କ୍ଷେତ୍ରରେ ଅନନ୍ୟ ଆବଶ୍ୟକତା (UNIQUE NEEDS OF DIFFERENTPLANNINGAREAS)


ପ୍ରକୃତି ସମସ୍ତ ଅଞ୍ଚଳ / କ୍ଷେତ୍ରକୁ କିଛି ସମ୍ବଳ ପ୍ରଦାନ କରିଛି ଯାହା ସେହି ଅଞ୍ଚଳର ବିକାଶରେ ସହାୟତା କରିପାରେ । ବିଭିନ୍ନ ଅଞ୍ଚଳର ଭିନ୍ନ - ଭିନ୍ନ ସମସ୍ୟା ଏବଂ ସାମର୍ଥ୍ୟ ଅଛି । ଏଣୁ ଏହା ଯୋଜନାର ଅନନ୍ୟ ଆବଶ୍ୟକତାଗୁଡ଼ିକୁ ପ୍ରତିବେଦନ କରିଥାଏ । ମାତ୍ର ପ୍ରତ୍ୟେକ ଅଞ୍ଚଳ ଯାହାର ସମସ୍ୟା ଅଛି, ତା'ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ ସମ୍ଭାବନା ମଧ୍ୟ ଅଛି । ସୁତରାଂ ନିର୍ଦ୍ଦିଷ୍ଟ ଅଞ୍ଚଳର ବିକାଶ ଏବଂ ଲୋକମାନଙ୍କର କଲ୍ୟାଣ ନିମିତ୍ତ ସ୍ୱତନ୍ତ୍ର ଯୋଜନା ପ୍ରଣୟନର ଆବଶ୍ୟକତା ରହିଛି । ଉଦାହରଣସ୍ୱରୂପ ଖଣି ଅଞ୍ଚଳରେ ଖଣିଜ ପଦାର୍ଥ ଗୁଡ଼ିକର ବିଶାଳ ଭଣ୍ଡାର ରହିଥାଏ । ମାତ୍ର, ଏହି ଅଞ୍ଚଳଗୁଡ଼ିକ ଉଣା ଅଧିକେ ସ୍ୱାସ୍ଥ୍ୟ ଏବଂ ପ୍ରାକୃତିକ ବିପର୍ଯ୍ୟୟ, ଶବ୍ଦ ପ୍ରଦୂଷଣ, ଖଣି ଜାତ ଭୁଷୁଡ଼ିପଡ଼ିବା, ଜଳମଗ୍ନତା (Water lossing) ଇତ୍ୟାଦି ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି । ଯୋଜନା ପାଇଁ ଖଣି ଅଞ୍ଚଳର ସମସ୍ୟାଗୁଡ଼ିକ ସ୍ୱତନ୍ତ୍ର ଭାବେ ଗ୍ରହଣ / ବିଚାର କରାଯାଇପାରେ । ସହରରେ ଝୁମ୍ପୁଡ଼ି ବସ୍ତିଗୁଡ଼ିକୁ ସାଧାରଣତଃ ଖରାପ ପରିମଳ ବ୍ୟବସ୍ଥା, ଅପର୍ଯ୍ୟାପ୍ତ ଆବାସସ୍ଥଳ, ସାମାଜିକ ସୁବିଧା ତଥା ସୁଖ ସ୍ୱାଚ୍ଛନ୍ଦ୍ୟର ତୀବ୍ର ଅଭାବର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଜୀବନର ମାନ ଏତେ ବହୁତ ଖରାପ ହୋଇଥାଏ ଏବଂ ସ୍ୱାସ୍ଥ୍ୟ ସଙ୍କଟରେ ପୂର୍ଣ୍ଣ ହୋଇଥାଏ । ଏହିଭଳି ଅବସ୍ଥାରେ ସ୍ଥାନୀୟ ଅଞ୍ଚଳ ଯୋଜନାରେ ଅତ୍ୟାବଶ୍ୟକୀୟ ଭିତ୍ତିଭୂମିର ଜରୁରୀ ବ୍ୟବସ୍ଥା କରିବା ବାଞ୍ଛନୀୟ । ଔଦ୍ୟୋଗିକ ଅଞ୍ଚଳଗୁଡ଼ିକୁ ପ୍ରଦୂଷଣର ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାଏ, ଯଦ୍ୟପି ବଜାର ଅଞ୍ଚଳଗୁଡ଼ିକୁ ଗହଳି, ଜନାକୀର୍ଣ୍ଣତା ଏବଂ ଖରାପ ପରିମଳ ବ୍ୟବସ୍ଥାର ସମ୍ମୁଖୀନ ହୋଇଥା'ନ୍ତି । ଫଳସ୍ୱରୂପ ଔଦ୍ୟୋଗିକ କ୍ଷେତ୍ରର ଯୋଜନାରେ ପ୍ରଦୂଷଣ ନିୟନ୍ତ୍ରଣ ଅଗ୍ରାଧିକାର ହେବ ଯଦ୍ୟପି ବଜାର ଅଞ୍ଚଳଗୁଡ଼ିକ ପ୍ରାଥମିକତା ହେବା କ୍ରୟ ବିକ୍ରୟର ଅନ୍ୟ କେନ୍ଦ୍ର ବିକାଶ କରିବା ଯଦ୍ୱାରା ସେଗୁଡ଼ିକ ଚାପ ମୁକ୍ତ ହେବା ସଙ୍ଗେ ସଙ୍ଗେ ଗହଳି ଏବଂ ଜନାକୀର୍ଣ୍ଣତା ହ୍ରାସ ପାଇବ ।



ଟିପ୍ପଣୀ

କୃଷି ଅଞ୍ଚଳଗୁଡ଼ିକରେ ବନ୍ୟା ଓ ମରୁଡ଼ି, ମୃତ୍ତିକା କ୍ଷୟ, ପ୍ରାକୃତିକ ଉର୍ବରତା, ହ୍ରାସ ତଥା ଭୂମି- ମଣିଷ ଅନୁପାତରେ ହ୍ରାସ ହେବା ସମସ୍ୟା ରହିଥାଏ ଯଦ୍ୟପି ଚାରଣ ଭୂମି ଅଞ୍ଚଳରେ ପରାସ ଏବଂ ପରିଚାଳନା ଏବଂ ତୃଣଭୂମି କୃଷିକ୍ଷେତ୍ରରେ ସଂପରିବର୍ତ୍ତନ ଇତ୍ୟାଦି ସମସ୍ୟା ମାନ ଦେଖାଦେଇଥାଏ । ଫସଲ ପ୍ରରୂପରେ (Pattern) ବିବିଧକରଣ, ଫସଲ ଉତ୍ପାଦନ ସାମର୍ଥ୍ୟ ଏବଂ କୃଷି ଉତ୍ପାଦକତାରେ ବୃଦ୍ଧି କୃଷି ଯୋଜନାର ଅଗ୍ରାଧିକାର ହେଉଥାଏ । ଠିକ୍ ସେହିପରି ପଶୁ ଚାରଣ ଅଞ୍ଚଳଗୁଡ଼ିକରେ ନିୟନ୍ତ୍ରିତ ଚାରଣ ପ୍ରଭାବଶାଳୀ ପରାସ, ଭୂମି ପରିଚାଳନା ତଥା ବାଣିଜ୍ୟିକ ପଶୁଚାରଣ ଯୋଜନା ପ୍ରାଥମିକତା ହୋଇଥାଏ ।

ବିବିଧ ପ୍ରାକୃତିକ ତଥା ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ବିଶିଷ୍ଟ ଅଞ୍ଚଳଗୁଡ଼ିକର ନିଜର ଅନନ୍ୟ ଆବଶ୍ୟକତା ଥାଏ । ଏଥିପାଇଁ ଆବଶ୍ୟକତା ଆଧାରିତ ଯୋଜନା ସମାଧାନ ପ୍ରୟୋଜନ ହୋଇଥାଏ । ଉଦାହରଣସ୍ୱରୂପ ପାହାଡ଼ିଆ ଅଞ୍ଚଳରେ ତୀଖ ଢ଼ାଲୁ, ଗଭୀର ଉପତ୍ୟକା, ମୃତ୍ତିକାର କ୍ଷୀଣ ବା ପତଳା ସ୍ତର ଏବଂ ଭୂମିର ଅପେକ୍ଷାକୃତ ନିମ୍ନସ୍ତରୀର ବହନ କ୍ଷମତା ଥାଏ । ଏଥିପାଇଁ ପାହାଡ଼ିଆ ଅଞ୍ଚଳଗୁଡ଼ିକୁ ସେମାନଙ୍କର ବିକାଶ ପାଇଁ ବନୀକରଣ, ଉଦ୍ୟାନ କୃଷିର ପ୍ରୋତ୍ସାହନ, ଚେରମୂଳି ଏବଂ ଔଷଧୀୟ ଉଦ୍ଭିଦ, ପରିବେଶ ପର୍ଯ୍ୟଟନ ତଥା କ୍ଷୁଦ୍ର ଜଳ-ବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକର ଆବଶ୍ୟକତା ରହିଛି । ଠିକ୍ ସେହିପରି ମରୁଭୂମି ଅଞ୍ଚଳଗୁଡ଼ିକର ବିଶେଷତ୍ୱ ହେଉଛି ତୀବ୍ର ଜଳ ସଙ୍କଟ ଯୋଗୁଁ ପତିତ ଭୂମିର ବିଶାଳ ପ୍ରସାର, ବାଲୁକା ସ୍ତୁପ ଏବଂ ଅନୁର୍ବର କ୍ଷେତ୍ର । ମରୁଭୂମିରେ ବିକାଶ ନିମିତ୍ତ ଜଳର ବ୍ୟବସ୍ଥା ଯୋଜନାର ସର୍ବୋଚ୍ଚ ପ୍ରାଥମିକତା ଅଟେ । ଭାରତର ଥର ମରୁଭୂମି ଅଞ୍ଚଳରେ ଇନ୍ଦିରାଗାନ୍ଧୀ କେନାଲ ମରୁଭୂମି ବିକାଶ ନିମିତ୍ତ ଆବଶ୍ୟକତା ଆଧାରିତ ଯୋଜନାର ଉଦ୍ଦେଶ୍ୟ ପୂରଣ କରୁଛି ।




*ଚିତ୍ର ୩୦.୩ ଭାରତ: ସ୍ଥାନୀୟ ଅଧିବାସୀ, ଜଳ ଅମଳ ଏବଂ ବନ୍ୟ ଜୀବନ ସଂରକ୍ଷଣ*



ଟିପ୍ପଣୀ

ଆବଶ୍ୟକତା ଆଧାରିତ ଯୋଜନା ଉପରେ ସଂକ୍ଷିପ୍ତ ଚର୍ଚ୍ଚା ନିମ୍ନରେ ପ୍ରଦତ୍ତ ହେଲା :

**(କ) ଜଳ ଅମଳ ଓ ପରିଚାଳନା (Water Harvesting and Management)**

ଏହି କ୍ଷେତ୍ରଗୁଡ଼ିକ ଜଳର ବୈଜ୍ଞାନିକ ଏବଂ ସମୁଚିତ ଉପଯୋଗ ପ୍ରଦର୍ଶିତ କରିଥାଏ, ଲେହର ସୁଦୂର ଶୀତଳ ମରୁଭୂମିରୁ ଥର୍‌ର ଉଷ୍ମ ମରୁଭୂମି ପର୍ଯ୍ୟନ୍ତ, ମଧ୍ୟ ଭାରତର ପାଥା ଅଞ୍ଚଳରୁ କେରଳ ଓ ତାମିଲନାଡୁର ଦକ୍ଷିଣରେ ସୁଦୂର ସ୍ଥାନଗୁଡ଼ିକ ପର୍ଯ୍ୟନ୍ତ ଜଳ ପରିଚାଳନାର ପ୍ରବିଧି (Techniques) ଗୁଡ଼ିକ ଏହି ଅଞ୍ଚଳଗୁଡ଼ିକର ଜୀବନ ଏବଂ ଭୂ-ପରିଦୃଶ୍ୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ନେଇଛନ୍ତି । ରାଜସ୍ଥାନର ଆରାବଲୀ ଏବଂ ମଧ୍ୟ ଭାରତର ପାଥା ଅଞ୍ଚଳରେ ଟିକାରିଆରେ ସ୍ଥାନୀୟ ଅଞ୍ଚଳର ଜଳ ସମ୍ବଳର ପରିଚାଳନା ପାଇଁ ସ୍ଥାନୀୟ ଲୋକମାନଙ୍କର ପ୍ରୟାସ ଏ ଦିଗରେ ଅନ୍ୟତମ ଉଦାହରଣ ଅଟେ । ଭାରତର ପ୍ରତ୍ୟେକ ଅଂଶରେ ପାରମ୍ପରିକ ଜଳ ଅମଳ ଏବଂ ପରିଚଳାନାର ବିଭିନ୍ନ ପଦ୍ଧତି ମଧ୍ୟ ଦେଖିବାକୁ ମିଳିଥାଏ ।

**(ଖ) ଜଙ୍ଗଲ ସୁରକ୍ଷା ଓ ପ୍ରନ୍ନୋତି (Protection and Promotion of Forests)**

କୌଣସି ଏକ ସ୍ଥାନରେ ପରିସ୍ଥିତିକୀୟ ଏବଂ ଜୈବିକ ସନ୍ତୁଳନର ଅନ୍ତରକ୍ଷଣ ପାଇଁ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ସୁରକ୍ଷା ଓ ପ୍ରନ୍ନୋତିର ଆବଶ୍ୟକତା ପଡ଼ିଥାଏ । ଲୋକେ ଧର୍ମ ଯୋଗୁଁ ଆଂଶିକ ରୂପେ ଏବଂ ପ୍ରଚଳିତ ରୀତି ଏବଂ ପରମ୍ପରା ଯୋଗୁଁ ଆଂଶିକ ରୂପେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ସୁରକ୍ଷା କରି ଆସୁଛନ୍ତି । ଯୁଗ ଯୁଗର ପୁରାତନ ପ୍ରଥା ଏବଂ ନୀତି ଯୋଗୁଁ ପବିତ୍ର ତୋଟା ଗୁଡ଼ିକର ସୁରକ୍ଷା କରାଯାଉଛି । ଏଗୁଡ଼ିକ ସମୁଦାୟ ବା ଗୋଷ୍ଠୀର ଦୀର୍ଘ ମିଆଦି ହିତ ପାଇଁ ପ୍ରାକୃତିକ ସମ୍ପଦ ଗୁଡିକର ବିବେକୀ ଉପଯୋଗର ଉଦାହରଣ ଅଟନ୍ତି ।

> ପିପ୍ପଳ, ଲିମ୍ବ, ତୁଳସୀ, ବରକୋଳି ଭଳି ଉଦ୍ଭିଦ ଗୁଡ଼ିକୁ ହିନ୍ଦୁ ପରମ୍ପରାରେ ପବିତ୍ର ମନାଯାଉଥିବା ବେଳେ ଖଜୁରୀ, ଓକ୍, ଅଶ୍ୱତ୍ଥ ବା ବର ଗଛକୁ ଯଥାକ୍ରମେ ଇସ୍‌ଲାମୀୟ, ଖ୍ରୀଷ୍ଟିୟାନ୍ ଏବଂ ବୌଦ୍ଧ ପରମ୍ପରାରେ ପବିତ୍ର ବୃକ୍ଷ ରୂପେ ସ୍ୱୀକାର କରାଯାଇଥାଏ ।

ବିଭିନ୍ନ ଅଞ୍ଚଳରେ ପରିସ୍ଥିତିକୀୟ ଅବସ୍ଥାର ଆଧାରରେ ଉଦ୍ଭିଦ ଗୁଡ଼ିକର ସୁରକ୍ଷା କରାଯାଇଥାଏ । ଯେପରିକି ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ନଡ଼ିଆ ଓ କେସୁରିନା, ମରୁ ଅଞ୍ଚଳରେ ଖଜୁରୀ ଓ କୋଳି, ପାହାଡ଼ିଆ ଅଞ୍ଚଳରେ ଫଳୋଦ୍ୟାନ, ସୁରକ୍ଷା ଏବଂ ପ୍ରନ୍ନୋତି କ୍ଷେତ୍ରରେ ଧାର୍ମିକ ପ୍ରଥାର ଅଂଶ ବିଶେଷ ଅଟେ । ଠିକ୍ ସେହିଭଳି ଗାଈ, ଛେଳି, ମେଣ୍ଢା, ଓଟ, ସାପ ଆଦି ପବିତ୍ର ପ୍ରାଣୀମାନଙ୍କୁ ସୁରକ୍ଷା କରିବା ପରମ୍ପରା ମଧ୍ୟ ଅଛି ।

**(ଗ) ଆଦିବାସୀ / ଜନଜାତି ଗୋଷ୍ଠୀ ଏବଂ ବନ୍ୟ ଜୀବନ ସୁରକ୍ଷା (Tribal Community and Protection of Wild Life)**


ଆଦିବାସୀ ସମୁଦାୟ ଏବଂ ବନ୍ୟ ଜୀବନ ଉଭୟଙ୍କ ବନୋନ୍ମୁଳନ ପରିପ୍ରେକ୍ଷୀରେ ଉତ୍ତର ଜୀବିତା ଏବଂ ବିକାଶ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାକୁ ପଡୁଛି । ବନବାସୀମାନେ ବନ୍ୟଜୀବନର ସୁରକ୍ଷା କରିଆସିଛନ୍ତି । ଉଦାହରଣସ୍ୱରୂପ ରାଜାଜୀ ଜାତୀୟ ଉଦ୍ୟାନ (ଉତ୍ତରାଞ୍ଚଳ)ର ବଣ ଗୁଜର ଲୋକେ, ବସ୍ତରର ଅବୁଝମାରମାନେ ଏବଂ ନୀଳଗିରି ପାହାଡ଼ର ଟୋଡ଼ା, ଲୋକମାନେ ବନ୍ୟ ଜୀବନ ସୁରକ୍ଷାରେ ସେମାନଙ୍କର କୌଶଳ / ଦକ୍ଷତା ପାଇଁ ପ୍ରସିଦ୍ଧ ଅଟନ୍ତି । ମାତ୍ର ଏହି ବନବାସୀ ମାନଙ୍କ ମଧ୍ୟରୁ କେତେକଙ୍କୁ ବେଦଖଲ କରି ଦିଆଯାଇଛି ଏବଂ ସେମାନଙ୍କର ପୁନର୍ବାସନ ସେହି ସବୁ ଅଞ୍ଚଳରେ କରାଯାଇଛି, ଯେଉଁଠାରେ ଏମାନଙ୍କର ବଣ ପର୍ଯ୍ୟନ୍ତ କୌଣସି ପହଞ୍ଚ ନାହିଁ । କର୍ଣ୍ଣାଟକର ନାଗର ହୋଲ୍ ଜାତୀୟ ଉଦ୍ୟାନ ଏବଂ ଉତ୍ତରାଞ୍ଚଳରେ ରାଜାଜୀ ଜାତୀୟ ଉଦ୍ୟାନ କ୍ଷେତ୍ରରେ ଏପରି ଘଟିଛି / ହୋଇଛି । ବର୍ତ୍ତମାନ ବନ୍ୟ ଜୀବନ ସୁରକ୍ଷାର ଉନ୍ନତ ପଦ୍ଧତି ଉପଯୋଗ ମାଧ୍ୟମରେ ଆଦିବାସୀ ମାନଙ୍କର ସଂପୃକ୍ତି ଏବଂ ସେମାନଙ୍କର ଜଙ୍ଗଲ ଅଧିକାର ସୁରକ୍ଷା ସଫଳ ହୋଇପାରିଛି ।

**(ଘ) ଲୋକଙ୍କୁ କ୍ଷମତା : ସ୍ଥାନୀୟ ସ୍ତରରେ ପରିବେଶ ପରିଚାଳନା**

ସ୍ଥାନୀୟ ସ୍ତରରେ ପରିବେଶୀୟ ପରିଚାଳନା ଲୋକମାନଙ୍କୁ ସେମାନଙ୍କର ପ୍ରାକୃତିକ ସମ୍ପଦ ଗୁଡ଼ିକର ପରିଚାଳନା କରିବା ପାଇଁ କ୍ଷମତା / ସାମର୍ଥ୍ୟ ପ୍ରଦାନ କରିଥାଏ । ବିକାଶ ଓ କଲ୍ୟାଣମୂଳକ କାର୍ଯ୍ୟକଳାପ ଗୁଡ଼ିକରେ ବିଶାଳ

ଟିପ୍ପଣୀ

ଧନ ରାଶି ଖର୍ଚ୍ଚ କରିବା ପରେ ମଧ୍ୟ ଭାରତ ପରିବେଶୀୟ ପରିଚାଳନାର ମୁକାବିଲା ଠିକ୍ ଭାବରେ କରିପାରି ନାହିଁ । ଏହା ଅନୁଭବ କରାଗଲା ଯେ, ସ୍ଥାନୀୟ କାର୍ଯ୍ୟକଳାପଗୁଡ଼ିକର ସଞ୍ଚାଳନ ସ୍ଥାନୀୟ ଲୋକଙ୍କ ଦ୍ୱାରା କରାଯିବା ବାଞ୍ଛନୀୟ ଯଦ୍ୱାରା ସେମାନଙ୍କର ଆବଶ୍ୟକତା ଏବଂ ଆକାଂକ୍ଷା ଗୁଡ଼ିକୁ ଦୃଷ୍ଟି ଦିଆଯାଇପାରିବ । ସମ୍ବିଧାନର 73 ତମ ଏବଂ 74 ତମ ସଂଶୋଧନ ଗଣତନ୍ତ୍ରରେ ବିକେନ୍ଦ୍ରିତ ଯୋଜନାକୁ ସମ୍ଭବ କରିପାରିବେ । ସ୍ଥାନୀୟ ପରିବେଶୀୟ ପରିଚାଳନାର କେତେକ ଉଦାହରଣ ମାନଚିତ୍ର ନଂ 30.4 ରେ ଦର୍ଶାଯାଇଛି ।




ଚିତ୍ର ୩୦.୪ ଗ୍ରାମ: ଆକବରପୁର



ଟିପ୍ପଣୀ

ଜଳ ଅମଳ ପାଇଁ ପୋଖରୀ, ବନ୍ଧ ତଥା କ୍ଷୁଦ୍ର ଜଳାଶୟ ନିର୍ମାଣ, ପାହାଡ଼ ଗୁଡ଼ିକର ଢ଼ାଲୁ ଅଞ୍ଚଳରେ ବୃକ୍ଷରୋପଣ ନିୟନ୍ତ୍ରିତ ଚାରଣ କାର୍ଯ୍ୟକଳାପ ଆଦି କେତେକ ସ୍ଥାନୀୟ ପ୍ରୟାସ ଯେଉଁଗୁଡ଼ିକ ପରିବେଶର ଗୁଣାତ୍ମକ ମାନକୁ ସମୃଦ୍ଧ କରିଛନ୍ତି ।

## 30.10 ସମ୍ବଳ ଉପଯୋଗ ଏବଂ ଅନ୍ତଃସମ୍ପର୍କ RESOURCE UTILISATION AND INTER RELATISONSHIPS

ସେହିସବୁ ପଦାର୍ଥ ଏବଂ ବସ୍ତୁଗୁଡ଼ିକୁ, ଯେଉଁଗୁଡ଼ିକ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ଅଟେ ଅଥବା ଉପଯୋଗ ପାଇଁ ପ୍ରସ୍ତୁତ ଅଟେ, ସମ୍ବଳ କୁହାଯାଏ । ସମ୍ବଳ ଉପଯୋଗ ଏକ ସ୍ଥିତି ବା ଅବସ୍ଥା ଅଟେ ଯେଉଁଥିରେ ପ୍ରକୃତି ପ୍ରଦତ୍ତ ବସ୍ତୁ ବ୍ୟବହୃତ ହୋଇଥାଏ । ସମ୍ବଳଗୁଡ଼ିକର ସନ୍ତୁଳିତ ଉପଯୋଗ ହେବା ବାଞ୍ଛନୀୟ ଅଟେ । ସମ୍ବଳଗୁଡ଼ିକୁ ସଙ୍କଟ ସୀମା ବହିର୍ଭୂତ ଅଥବା ପ୍ରତିସ୍ଥାପନ ବିନା ଉପଯୋଗ କଲେ ପରିସଂସ୍ଥାରେ ଏବଂ ପରିଶେଷରେ ପରିବେଶରେ ଅସନ୍ତୁଳନ ଉତ୍ପନ୍ନ ହୋଇଥାଏ । ଏଣୁ ସମ୍ବଳଗୁଡ଼ିକର ଯୁକ୍ତି ସଂଗତ ଉପଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାଦ୍ୱାରା ଦୀର୍ଘ କାଳରେ ମାନବ ପ୍ରଗତିରେ ସହାୟତା ମିଳିଥାଏ ।

### (କ) ସମ୍ବଳର ପ୍ରକାର ଓ ଉପଯୋଗ (Types and Utilisation of Resource)

ପ୍ରାଥମିକ ଭାବେ ସମ୍ବଳ ଦୁଇ ପ୍ରକାର ହୋଇଥାଏ : ଅଣ-ନବୀକରଣୀୟ (ଖଣିଜ ସମ୍ପଦ) । ଯେଉଁଗୁଡ଼ିକ ଥରେ ବ୍ୟବହାର କଲାପରେ ସମାପ୍ତ ହୋଇଯାଏ ଏବଂ ବିଶ୍ୱରେ ଏପରି ସମ୍ବଳଗୁଡ଼ିକର ପରିମାଣ ନିର୍ଦ୍ଦିଷ୍ଟ ଅଟେ; ଏବଂ ନବୀକରଣୀୟ ସମ୍ବଳ (ନଦୀଗୁଡ଼ିକରେ ମଧୁର ଜଳ, ବାୟୁମଣ୍ଡଳରେ ଅମ୍ଳଜାନ, ଅରଣ୍ୟ ଏବଂ ଜୈବିକ ପିଣ୍ଡ (Biological mass)ଯେଉଁଗୁଡ଼ିକ ପୃଥିବୀରେ ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକରୁ ମିଳିଥାଏ ଏବଂ ମଣିଷ ଦ୍ୱାରା ବ୍ୟବହୃତ ସମ୍ବଳ ସମେତ ବାର୍ଷିକ ବୃଦ୍ଧି ଏବଂ ବାର୍ଷିକ ଉପଭୋଗ ମଧ୍ୟରେ ସନ୍ତୁଳିତ ହୋଇ ରହିଥା'ନ୍ତି । ଆସି ଦେଖିବା ପରିବେଶ କିପରି ମଣିଷକୁ ପ୍ରଭାବିତ କରିଥାଏ ଏବଂ ପ୍ରତିବଦଳରେ ସମାଜ ପ୍ରକୃତି ଉପରେ କ'ଣ ପ୍ରଭାବ ପକାଇଥାଏ । ଆଜିକାଲି କ୍ୱଚିତ୍ ଏପରି କୌଣସି ସ୍ଥାନ ଅଛି ଯେଉଁଠି ମଣିଷ ବାସ କରିପାରିବ ନାହିଁ ଅଥବା କାମ କରିପାରିବ ନାହିଁ । ପ୍ରକୃତିରେ ମାନବୀୟ ହସ୍ତକ୍ଷେପର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଉଦାହରଣସ୍ୱରୂପ ଖଣିଜ ସମ୍ପଦ ନିଃସାରର (Extracting) ବେଳେ, ଇନ୍ଧନ ଜାଳିବା, ଶୁଷ୍କ ଭୂମିରେ ଫସଲକୁ ଜଳସେଚନ କରିବା ସମୟରେ ଆମେ ପ୍ରକୃତିରୁ କେତେକ ନିର୍ଦ୍ଦିଷ୍ଟ ପଦାର୍ଥ ନିଃସାରଣ କରିଥାଉଁ । ଠିକ୍ ସେହିପରି ବାୟୁମଣ୍ଡଳ ଜଳମଣ୍ଡଳରେ ଔଦ୍ୟୋଗିକ କୃଷି ଅପଶିଷ୍ଟ ତଥା ଏହିଭଳି ଅନ୍ୟ ଉତ୍ପାଦ ଗୁଡ଼ିକୁ ନିଃସରଣ (Discharge) ସମୟରେ ଆମେ ପରିବେଶରେ ନୂତନ ଘଟକ ଗୁଡ଼ିକର ପ୍ରଚଳନ କରିଥାଉଁ । ସନ୍ତସନ୍ତିଆ ଭୂମିରେ ଚାଷକାମ କରିବା ଅଥବା ଘରୋଇ ତଥା ଔଦ୍ୟୋଗିକ ଆବଶ୍ୟକତା ପାଇଁ ପାଇପ୍ ଦ୍ୱାରା ଜଳଯୋଗାଣ କରିବା ଦ୍ୱାରା ଆମେ ଜଳ ସନ୍ତୁଳନର କେତେକ ଉପାଦାନକୁ ପରିବର୍ତ୍ତିତ କରିନେଇଥାଉ । ପର୍ବତ ଏବଂ ଉପତ୍ୟକା ଭଳି ଭଙ୍ଗୁର ପରିସଂସ୍ଥା, ବୃକ୍ଷ କାଟି ପକାଇବା, ରାସ୍ତାନିର୍ମାଣ, ଶିଳାକୁ ବାରୁଦ ଦ୍ୱାରା ବିସ୍ଫୋଟନ କରିବା ତଥା ବିଶାଳ ବନ୍ଧ ପରିଯୋଜନା ନିର୍ମାଣ ଦ୍ୱାରା ସଙ୍କଟାପନ୍ନ ହୋଇଥାଏ । ଏହି କାର୍ଯ୍ୟକଳାପଗୁଡ଼ିକୁ ପୃଥିବୀ ପୃଷ୍ଠର ସଂରଚନା ପରିବର୍ତ୍ତନ ତଥା ପରିସ୍ଥିତିକୀୟ ବ୍ୟବସ୍ଥାରେ ଅସନ୍ତୁଳନ ପାଇଁ ଉତ୍ତରଦାୟୀ ଅଟନ୍ତି ।

ଫସଲ ଉତ୍ପାଦନ, ବାଣିଜ୍ୟିକ ରୋପଣ ଏବଂ ଚାରଣ ଭୂମିପାଇଁ ମୃତ୍ତିକା ସମ୍ବଳର ଉପଯୋଗ ମଣିଷକୃତ ପରିବେଶ ଅନୁକୂଳ କାର୍ଯ୍ୟକଳାପ ଅଟେ । ମାତ୍ର ଅଧିକ ମୃତ୍ତିକା କ୍ଷୟ ହୋଇଥାଏ ଏବଂ ପରିସଂସ୍ଥା ପାଇଁ ଏକ ଆହ୍ୱାନ ପାଲଟି ଯାଇଥାଏ । ଠିକ୍ ସେହିଭଳି ବନୋନ୍ମୂଳନ, ପୋଡୁଚାଷ, ପ୍ରଦୂଷଣକାରୀ ଉଦ୍ୟୋଗଗୁଡ଼ିକ ପରିସ୍ଥିତିକୀୟ ଏବଂ ତତ୍‌ସହ ପରିବେଶୀୟ ସୃଷ୍ଟି କରିଥାଆନ୍ତି । ସୁତରାଂ ସମ୍ବଳଗୁଡ଼ିକୁ ବୁଝିବା ଏବଂ ପରିବେଶ ଅନୁକୂଳ ଏବଂ ସହନଶୀଳ ଢ଼ଙ୍ଗରେ ସେଗୁଡ଼ିକର ଉପଯୋଗ ମହତ୍ୱପୂର୍ଣ୍ଣ ଅଟେ । ଅନ୍ୟଥା ପରିସ୍ଥିତିକୀୟ ସଙ୍କଟ ଅବଶ୍ୟମ୍ଭାବୀ ହୋଇପଡ଼ିବ ।

### (ଖ) ସମ୍ବଳର ଅବକ୍ଷୟ / ନିଃଶେଷକରଣ (Depletion of Resources)

ଲୋକମାନେ ସେମାନଙ୍କର କାର୍ଯ୍ୟକଳାପ ମାଧ୍ୟମରେ ଆମର ଉଭୟ ଅଣ-ନବୀକରଣୀୟ ତଥା ନବୀକରଣୀୟ ପ୍ରାକୃତିକ ସମ୍ପଦରୁ ପ୍ରଚୁର ପରିମାଣରେ ପ୍ରାପ୍ତ କରିଛନ୍ତି । ସେଗୁଡ଼ିକ ମଧ୍ୟରୁ କେତେକ ଅଧିକ ସୀମା ପର୍ଯ୍ୟନ୍ତ



ଟିପ୍ପଣୀ

ଅଥବା ପୂର୍ଣ୍ଣମାତ୍ରାରେ ନିଃଶେଷିତ ହୋଇଯାଇଛି ଏବଂ ଆଉ କେତେକର କମ୍ ଅବକ୍ଷୟ ହୋଇଛି । ମାନବୀୟ କାର୍ଯ୍ୟକଳାପ ଗୁଡ଼ିକ ଏତେ ପରିମାଣରେ ବୃଦ୍ଧିପାଇଛି ଯେ, ପଦାର୍ଥଗୁଡ଼ିକର ଚକ୍ରଣ (Cyclic Movement)ର ପ୍ରତିଷ୍ଠିତ ପ୍ରତିମାନ (Pattern)କୁ ପରିବର୍ତ୍ତନ କରିଦେଇଛନ୍ତି, ଯାହାଦ୍ୱାରା ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରକ୍ରିୟାର ପ୍ରାକୃତିକ କ୍ରମ ବା ମାର୍ଗ (Course) ପ୍ରଭାବିତ ହୋଇଛି ।

ସମ୍ବଳଗୁଡ଼ିକର ନିଃଶେଷକରଣ, ପ୍ରକୃତି ଉପରେ ମଣିଷର ପ୍ରଭାବ ବୃଦ୍ଧି ଏବଂ ସର୍ବୋପରି ପରିବେଶର ପ୍ରଦୂଷଣ ବର୍ଦ୍ଧିଷ୍ଣୁ ଉଦ୍‌ବେଗର ବିଷୟ ଅଟେ । ଏହି ଉଦ୍‌ବେଗ ଶକ୍ତି ସଙ୍କଟ ଏବଂ ବୃଦ୍ଧି ପାଉଥିବା ଖାଦ୍ୟାଭାବ ଦ୍ୱାରା ପୁନଶ୍ଚ ଉଜାଗର ହେଉଛି । ପରିଣାମସ୍ୱରୂପ ବହୁତ ଗମ୍ଭୀର ପରିସ୍ଥିତିକୀୟ ସଙ୍କଟ ଉତ୍ପନ୍ନ ହୋଇପାରେ । ଯଦ୍ୟପି ଏହି ସଙ୍କଟକୁ ଟାଳିବା ବା ପରିହାର କରିବା ସମ୍ଭବ ହୋଇପାରିବ, ଯଦି ସ୍ଥାନୀୟ ସ୍ତରରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ସମ୍ବଳଗୁଡ଼ିକର ଯୁକ୍ତି ସଙ୍ଗତ ଢ଼ଙ୍ଗରେ ଉପଯୋଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଏ ଏବଂ ସମ୍ବଳଗୁଡ଼ିକର ସଂରକ୍ଷଣ ପାଇଁ ନୀତି ଅବଲମ୍ବନ କରାଯାଏ ।

### (ଗ) ଇଷ୍ଟତମ / ଅନୁକୂଳ ସମ୍ବଳ ଉପଯୋଗ (Optimal Resource Utilisation)

ସମାଜ ଦ୍ୱାରା ଉତ୍ପାଦନ ସମୟରେ ପରିବେଶର ରୂପାନ୍ତରଣ ଅନିବାର୍ଯ୍ୟ ଅଟେ । କେବଳ ମାନବ ସମାଜ ନୁହେଁ ବରଂ ବାସ୍ତବରେ ଯେକୌଣସି ସ୍ୱରୂପରେ ଜୀବନ ନିଜ କାର୍ଯ୍ୟକଳାପ ଦ୍ୱାରା ପ୍ରକୃତିକୁ ପ୍ରଭାବିତ କରିଥାଏ । ପରିବେଶ ବିଜ୍ଞାନୀ ମାନଙ୍କର ଦୃଢ଼ ବିଶ୍ୱାସ ଯେ ସମାଜର ବିକାଶ ମଣିଷ ମାନଙ୍କ ଉପରେ ଅନିବାର୍ଯ୍ୟ ରୂପେ ନକାରାତ୍ମକ ପ୍ରଭାବ ପକାଇବା ସମ୍ବଳର ଅବକ୍ଷୟ ବା ନିଃଶେଷକରଣ ସହ ଏହି ପରିଣାମଗୁଡ଼ିକ ପରିସ୍ଥିତିକୀୟ ଏବଂ ତତ୍ ସଙ୍ଗେ ସଙ୍ଗେ ଅର୍ଥନୈତିକ ସଙ୍କଟରୁ ବୃଦ୍ଧି କରିଥାଏ ।

ସ୍ଥାନୀୟ ଅଞ୍ଚଳ ଯୋଜନାର ପ୍ରୟାସଗୁଡ଼ିକର ଲକ୍ଷ୍ୟ, ଉପଲବ୍ଧ ପ୍ରାକୃତିକ ସମ୍ବଳ ଏବଂ ସହନଶୀଳ ଢ଼ଙ୍ଗରେ ସେଗୁଡ଼ିକର ଅନୁକୂଳ ତମ ଉପଯୋଗ ମଧ୍ୟରେ ସନ୍ତୁଳନ ଅନୁରକ୍ଷଣ କରିବା, ଯଦ୍ୟପି ନିଜସ୍ୱ ଉଦ୍ୟୋଗ (Private Enterprise) ସାମାଜିକ ଲାଭ ଅଥବା କ୍ଷତିକୁ ବିଚାରକୁ ନନେଇ କେବଳ ମାତ୍ର ଲାଭ ଅଭିପ୍ରେରଣା ଦ୍ୱାରା ନିର୍ଦ୍ଦେଶିତ ହୋଇଥାଏ ।

ଏହା ଦେଖାଯାଇଛି ସାର୍ବଜନିକ କ୍ଷେତ୍ରର ବିକାଶ ମଧ୍ୟ ରାଜନୈତିକ ଅଥବା ବାଣିଜ୍ୟିକ କାରଣ ଯୋଗୁଁ ଅଞ୍ଚଳ ଗୁଡ଼ିକର ବିକାଶ କରିବା ପ୍ରତି ପକ୍ଷପାତିତା କ୍ଲିଷ୍ଟ ହୋଇଥା'ନ୍ତି ବା ଅବଲମ୍ବନ କରିଥା'ନ୍ତି । ଉଦାହରଣସ୍ୱରୂପ ଭୋଗବିଳାସର ବସ୍ତୁଗୁଡ଼ିକର ବାଣିଜ୍ୟିକ ହାରରେ ଉତ୍ପାଦନ ଦ୍ୱାରା ସମ୍ବଳର ନିଃଶେଷକରଣ ତ୍ୱରାନ୍ୱିତ ହୋଇଥାଏ । ଏହାର ପରିଣାମସ୍ୱରୂପ ସାଧାରଣ ଜନତା ଜୀବନରେ ଅନିବାର୍ଯ୍ୟ ଆବଶ୍ୟକତାଗୁଡ଼ିକ ନିଜସ୍ୱ କ୍ଷେତ୍ରରେ ଉଦ୍ୟୋଗ ଗୁଡ଼ିକ ବ୍ୟବସ୍ଥାର ଅନ୍ତର୍ନିହିତ ଦୁର୍ବଳତା, କ୍ଲିଷ୍ଟ ହୋଇଥାଆନ୍ତି, ସମ୍ବଳର ଯୋଜନା ଏବଂ ପରିଚାଳନାରେ ଲୋକମାନଙ୍କର ସହଭାଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସମ୍ବଳର ଉପଯୋଗ, ସେଗୁଡ଼ିକର ଉପଲବ୍ଧତା, ବିଦ୍ୟମାନ ଦକ୍ଷତା / କାର୍ଯ୍ୟ କୁଶଳତା ତଥା ସମାଜର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା ଗୁଡ଼ିକ ଦ୍ୱାରା ନିର୍ଦ୍ଦେଶିତ / ପରିଚାଳିତ ହେବା ଉଚିତ୍ । ସମ୍ବଳର ନବୀକରଣର ଚକ୍ରୀୟ ପ୍ରକ୍ରିୟା ଏବଂ ଜୀବନ କ୍ଷମ (ବିକାଶ କ୍ଷମ) ବିକଳ୍ପ ଗୁଡ଼ିକର ଅନ୍ୱେଷଣକୁ ଦୃଷ୍ଟିରେ ରଖି ସଂରକ୍ଷଣ ପ୍ରଥାଗୁଡ଼ିକର ନିରନ୍ତର ତଦାରଖ କରିବା ସମ୍ବଳ ଅବକ୍ଷୟର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାପାଇଁ କେତେକ ପଦକ୍ଷେପ ଅଟେ ।

### ପାଠ୍ୟଗତ ପ୍ରଶ୍ନ 30.4

1. ସ୍ଥାନୀୟ ଆବଶ୍ୟକତା ଗୁଡ଼ିକ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ କିପରି ଭିନ୍ନ ଭିନ୍ନ ହୋଇଥାଏ ?

___________________________________

2. ସ୍ଥାନୀୟ ସମ୍ବଳ କିପରି ସ୍ଥାନୀୟ ଅଞ୍ଚଳ ଯୋଜନା ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ?

___________________________________



ଟିପ୍ପଣୀ

3. ସମ୍ବଳ ଅବକ୍ଷୟ / ନିଃଶେଷକରଣ କ'ଣ ?

4. ଅନୁକୂଳତମ ସମ୍ବଳ ଉପଯୋଗ କ'ଣ ?

## 30.11 ସ୍ଥାନୀୟ ଅଞ୍ଚଳ ଯୋଜନା ପରିଚାଳନାରେ ମାନଚିତ୍ରର ଉପଯୋଗ(USE OF MAPS IN MANAGEMENT OF LOCAL AREA PLANNING)

ସ୍ଥାନୀୟ ଅଞ୍ଚଳ ଯେଉଁଠି ଲୋକେ ବାସ କରନ୍ତି ଏବଂ କାମ କରନ୍ତି, ବିଷୟରେ ଜ୍ଞାନ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ସୁନିର୍ଦ୍ଦିଷ୍ଟ, ନିର୍ଭୁଲ ଏବଂ ସାମଗ୍ରିକ ଜ୍ଞାନ, ପ୍ରଭାବଶାଳୀ ଢ଼ଙ୍ଗରେ ପରିଚାଳନା ତଥା ଯୋଜନା କରିବାରେ ସହାୟକ ହୋଇଥାଏ । ଭୂମିର ସାମର୍ଥ୍ୟ, ଲୋକମାନଙ୍କର କର୍ମ ଦକ୍ଷତା ତଥା ସେମାନଙ୍କର ବିଶ୍ୱାସ ଏବଂ ନୀତି ନିୟମକୁ ବୁଝିବା ସ୍ଥାନୀୟ ଅଞ୍ଚଳ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନିବାର୍ଯ୍ୟ ଅଟେ । ଅର୍ଜିତ ଜ୍ଞାନକୁ କାର୍ଯ୍ୟକଳାପର ନିରୀକ୍ଷଣ ଏବଂ ମାର୍ଗଦର୍ଶନ ଉପରେ ଆଲୋଚନା/ତର୍କ ଓ ପାରସ୍ପରିକ କ୍ରିୟା ପାଇଁ କୌଣସି ଉପସ୍ଥାପନୀୟ ଢ଼ଙ୍ଗରେ ଅନ୍ତରଣ କରିବା ଆବଶ୍ୟକ ହୋଇଥାଏ । ପ୍ରାଥମିକ ତଥ୍ୟାବଳୀ, ବିଷୟ ଏବଂ ସମସ୍ୟା (Issues and Problems) ଗୁଡ଼ିକୁ ବ୍ୟବସ୍ଥିତ ଢ଼ଙ୍ଗରେ ସଂଗଠିତ କରିବା ଉଚିତ୍ ଯାହାକି ଭୂମିର ଗୁଣତାକୁ ପ୍ରତିଫଳିତ କରୁଥିବ । ଏଥିପାଇଁ ମାନଚିତ୍ର, ଆରେଖ (Diagrams), ତଥ୍ୟ ଫର୍ଦ୍ଦ (Chart), ଫଟୋଗ୍ରାଫ୍ ଏବଂ ରେଖାଚିତ୍ର (Sketches) ଅତି ଆବଶ୍ୟକ ଅଟେ । ମାନଚିତ୍ର ଯୋଜନା ପ୍ରସ୍ତୁତକାରୀ ଏବଂ ଭୂଗୋଳବିତ୍ ମାନଙ୍କ ପାଇଁ ଆଶୁଲିପି (Shorthand) ରୂପେ କାର୍ଯ୍ୟ କରିଥାଏ ଏବଂ ସାଧାରଣ ଲୋକଙ୍କୁ ମାର୍ଗ ଦର୍ଶନ କରିଥାଏ ।

ସ୍ଥାନୀୟ ଅଞ୍ଚଳଗୁଡ଼ିକ ସେମାନଙ୍କର ପ୍ରାକୃତିକ ସଂଗଠନ ତଥା ସାମାଜିକ - ଅର୍ଥନୈତିକ ସ୍ଥିତି ପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ ହୋଇଥା'ନ୍ତି । ସୂଚନା - ଜ୍ଞାନକୁ ଅଭିଲେଖନ ଏବଂ ପ୍ରଦର୍ଶନ କରିବାର ବିଭିନ୍ନ ପ୍ରବିଧି (Technique) ଅଛି । ସୂଚନା / ଉପସ୍ଥାପନ / ପ୍ରଦର୍ଶନର ବିଭିନ୍ନ ରୂପ ମଧ୍ୟରେ ମାନଚିତ୍ର ସର୍ବାଧିକ ପ୍ରଭାବୀ ଉପକରଣ ବା ସାଧନ ଅଟେ ଯିଏ କି ସଠିକ୍ ପ୍ରତିବେଦନ ଏବଂ ସୁନିର୍ଦ୍ଦିଷ୍ଟ ବିଷୟବସ୍ତୁ କେନ୍ଦ୍ରିତ (Theme specific focus) ପାଇଁ ମାନ (ସ୍କେଲ୍) ଏବଂ ଦିଗର ଉପଯୋଗ କରିଥାଏ । ଏସବୁ ମାନଚିତ୍ରଗୁଡ଼ିକୁ ସମ୍ଭାଳିବା (Handle), ବୁଝିବା ତଥା ସୂଚନାଗୁଡ଼ିକୁ ସଂସୂଚିତ କରିବା (Communicate) ସହଜ ହୋଇଥାଏ ।

### (କ) ମାନଚିତ୍ର, ରେଖାଚିତ୍ର ଏବଂ ଆଲେଖ ଛିତ୍ର ବା ଫଟୋଗ୍ରାଫ୍‌ର ଉପଯୋଗ

ମାନଚିତ୍ରଗୁଡ଼ିକର ଉପଯୋଗ ବିଭିନ୍ନ ଉଦ୍ଦେଶ୍ୟରେ କରାଯାଇଥାଏ । ଭୂ-ଆକୃତି, ସମ୍ବଳ, ମାନବ ବସତି ତଥା ସ୍ଥଳ ବିଶେଷର ସୁବିଧା ଓ ସୁଖ- ସ୍ୱାଚ୍ଛନ୍ଦ୍ୟ ଗୁଡ଼ିକର ଚିହ୍ନଟ ପାଇଁ ଏଗୁଡ଼ିକର ଉପଯୋଗ କରାଯାଇଥାଏ । ମାନଚିତ୍ରଗୁଡ଼ିକର ଉପଯୋଗ ବିଭିନ୍ନ କୋଠାବାଡ଼ିର ଅଭିକଳ୍ପ (Design), ପରିହବନ ମାର୍ଗ ଏବଂ ବିଭିନ୍ନ କାର୍ଯ୍ୟକଳାପ ଯେପରିକି ବଜାର, ଉଦ୍ୟୋଗ, ବିଦ୍ୟାଳୟ, ଉଦ୍ୟାନ, ଖେଳପଡ଼ିଆ ଇତ୍ୟାଦିର ଅବସ୍ଥିତି ପାଇଁ ଯୋଜନା ପ୍ରଣୟନରେ ମଧ୍ୟ କରାଯାଇଥାଏ । କୌଣସି ଯୋଜନା ପ୍ରକଳ୍ପର ଔଚିତ୍ୟ ଏବଂ କାର୍ଯ୍ୟକାରୀତା ମଧ୍ୟ ମାନଚିତ୍ର ଗୁଡ଼ିକ ମାଧ୍ୟମରେ ଆକଳନ କରାଯାଇଥାଏ । ବିନା ମାନ / ସ୍କେଲ୍ ଦିଗ ଏବଂ ପ୍ରକ୍ଷେପଣର ଚିତ୍ରାଙ୍କନକୁ ରେଖାଙ୍କିତ ମାନଚିତ୍ର (Sketch map) କୁହାଯାଏ । ରେଖାଚିତ୍ରଗୁଡ଼ିକୁ ତଥ୍ୟ ଗୁଡ଼ିକର ସ୍ଥଳ ବିଶେଷରେ ପ୍ରତିବେଦନ ପାଇଁ ଏବଂ ସ୍ଥୁଳ ଚିତ୍ରାଙ୍କନ ରୂପେ ଅଭିଲେଖ ଗୁଡ଼ିକୁ ମନେପକାଇବା ପାଇଁ ଉପଯୋଗ କରାଯାଇଥାଏ । ଏହି ରେଖାଙ୍କିତ ମାନଚିତ୍ର ଏବଂ ଫଟୋଗ୍ରାଫ୍ / ଆଲୋକଚିତ୍ର ଗୁଡ଼ିକ କୌଣସି ସ୍ଥାନୀୟ ଅଞ୍ଚଳ ଯୋଜନାର ପ୍ରତିଚିତ୍ର (Blue Print) କୁ ଅନ୍ତିମ ରୂପ ଦେବାପାଇଁ ଅତି ଉପଯୋଗୀ ହୋଇଥା'ନ୍ତି ।

### (ଖ) ସ୍ଥାନୀୟ ଅଞ୍ଚଳ ଯୋଜନା ପାଇଁ ମାନଚିତ୍ରର ଆକାର ଏବଂ ମାନ ଚୟନ କରିବା

ମାନଚିତ୍ର ପ୍ରସ୍ତୁତି ସମୟରେ ବିଭିନ୍ନ କାରକଗୁଡ଼ିକୁ ଦୃଷ୍ଟି ଦେବା ପାଇଁ ପଡ଼ିଥାଏ । ଏହି କାରକଗୁଡ଼ିକ ମଧ୍ୟରେ ମାନଚିତ୍ରର ଆକାର, ପ୍ରଦର୍ଶିତ କରିବାକୁ ଥିବା ବିସ୍ତୃତ ବିବରଣୀ, ମାନ ବା ସ୍କେଲ୍‌ର ଚୟନ ଇତ୍ୟାଦି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ମାନଚିତ୍ରର ଆକାର, ପ୍ରତି ବଦଳରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଉପାଦାନ ବା ତତ୍ତ୍ୱଗୁଡ଼ିକର



ଟିପ୍ପଣୀ

ପ୍ରତ୍ୟେକ ଉପାଦାନ ପାଇଁ ସଙ୍କେତ କରଣ (Symbolisation) ଏବଂ ଗାଢ଼ କିମ୍ବା ହାଲୁକା ରଙ୍ଗକୁ ନିର୍ଦ୍ଧାରିତ କରିଥାଏ । ମାନ ବା ସ୍କେଲର ଚୟନ ମାନଚିତ୍ରରେ ଅଞ୍ଚଳର ତଥ୍ୟ ଉପସ୍ଥାପନ ପାଇଁ ଉପଲବ୍ଧ ସ୍ଥାନ ଦ୍ୱାରା ନିୟନ୍ତ୍ରିତ / ଦିଗ ଦର୍ଶିତ ହୋଇଥାଏ । ମାନ, ମାନଚିତ୍ରରେ ଦୂରତା ଏବଂ ସ୍ଥଳ / ଭୂ-ପୃଷ୍ଠରେ ଦୂରତା ମଧ୍ୟରେ ଅନୁପାତ ଅଟେ । ଆବଶ୍ୟକତା ଆଧାରରେ ମାନଚିତ୍ରଗୁଡ଼ିକ ଛୋଟ ଅଥବା ବଡ଼ ମାନର ହୋଇପାରନ୍ତି । ମୋଟ ମାନର ମାନଚିତ୍ର ଗୁଡ଼ିକ ଅଳ୍ପ ବିବରଣ ସହ ବିଶାଳ ଅଞ୍ଚଳକୁ ଦର୍ଶାଇବା ପାଇଁ ଉପଯୋଗ କରାଯାଇଥାଏ । ଉଦାହରଣସ୍ୱରୂପ ବିଶ୍ୱ ମାନଚିତ୍ର, କାନ୍ଥ ମାନଚିତ୍ର, ଆଟଲାସ୍, ମାନଚିତ୍ର ଇତ୍ୟାଦି ଛୋଟ ମାନରେ ଅଙ୍କନ କରାଯାଇଥାଏ । ଅନ୍ୟ ପକ୍ଷରେ ବଡ଼ ମାନ / ସ୍କେଲ୍‌ର ଉପଯୋଗ କୋଠାଘର, କୃଷିକ୍ଷେତ୍ର / ଗ୍ରାମାଞ୍ଚଳର ଭୂ-ଖଣ୍ଡ(Plot), ଭୂ-ଆକୃତୀୟ ଫର୍ଦ୍ଦ (Topographical sheet) ଇତ୍ୟାଦିର ଯୋଜନା ଉପସ୍ଥାପନରେ କରାଯାଇଥାଏ । ସ୍ଥାନୀୟ ଅଞ୍ଚଳ ଯୋଜନା, ବିପର୍ଯ୍ୟୟ ପରିଚାଳନା, ସାଧାରଣ / ସାର୍ବଜନୀନ ବିତରଣ ବ୍ୟବସ୍ଥା ଇତ୍ୟାଦି ପାଇଁ ବଡ଼ ମାନର ମାନଚିତ୍ରଗୁଡ଼ିକର ଉପଯୋଗ କରାଯାଇଥାଏ କାରଣ ଏଗୁଡ଼ିକ ଛୋଟ ଅଞ୍ଚଳ / କ୍ଷେତ୍ରର ଅନେକ ଗୁଡ଼ିଏ ସୂଚନା ବିସ୍ତୃତ ଭାବେ ପ୍ରସ୍ତୁତ କରିଥା'ନ୍ତି ।

## (ଗ) ସ୍ଥାନୀୟ ଅଞ୍ଚଳ ଯୋଜନା ପରିଚାଳନାରେ ମାନଚିତ୍ର

ମାନଚିତ୍ର ଭବନ ନିର୍ମାଣକାରୀ, ବିକାଶାତ୍ମକ କାର୍ଯ୍ୟକର୍ତ୍ତା ପରିଚାଳକ ଏବଂ ଯୋଜନା ପ୍ରସ୍ତୁତ କର୍ତ୍ତା ମାନଙ୍କର ମୌଳିକ ଉପକରଣ ବା ସାଧନ ଅଟେ । ସେଗୁଡ଼ିକ ପରିଦର୍ଶକମାନଙ୍କ ପାଇଁ ମାର୍ଗ ଦର୍ଶକ ରୂପେ ତଥା ଅଂଶ ଗ୍ରହଣକାରୀ / ସହଭାଗୀ, ଯୋଜନା ପ୍ରସ୍ତୁତ କର୍ତ୍ତା ଏବଂ ଲୋକମାନଙ୍କ ପାଇଁ ସଫଳତା / ଉପଲବ୍ଧିର ଆଦର୍ଶ ରୂପରେ କାର୍ଯ୍ୟ କରିଥାଆନ୍ତି । ମାନଚିତ୍ର ଭବିଷ୍ୟତ ଯୋଜନାର ପ୍ରତିଚିତ୍ର ଅଟେ ।

ସ୍ଥାନୀୟ ଅଞ୍ଚଳର ଯୋଜନା ପାଇଁ ଏକ ଆଧାର ମାନଚିତ୍ର (Base map) ଅନିର୍ବାର୍ଯ୍ୟ ହୋଇଥାଏ । ଏହା ଭୂମି-ଉପଯୋଗ, ବଜାର, ଯାତାୟାତ, ଟ୍ରାଫିକ୍, ଉପଭୋକ୍ତା, ପରିବାର ଇତ୍ୟାଦି ସନ୍ଦର୍ଭରେ ସର୍ବେକ୍ଷଣ କରିବାରେ ସହାୟତା ଆଧାର ମାନଚିତ୍ରଗୁଡ଼ିକ ପ୍ରସଙ୍ଗ / ବିଷୟ ନିର୍ଦ୍ଦିଷ୍ଟ ମାନଚିତ୍ର (Thematic map) ଆରେଖ (Diagram) ଏବଂ ତର୍ଥଫର୍ଦ୍ଦ (Chart) ତିଆରି କରିବାରେ ସହାୟତା କରିଥା'ନ୍ତି । ଏହା ସେହି ଅଞ୍ଚଳ ଏବଂ ଲୋକମାନଙ୍କର ଯେଉଁମାନଙ୍କ ପାଇଁ ଯୋଜନା କରିବାକୁ ହେବ, ମାର୍ଗ ଦର୍ଶକ ହୋଇଥାଏ ।

କ୍ଷେତ୍ରୀୟ କାର୍ଯ୍ୟ (Field work) ର ଫଳାଫଳ ଆଧାରରେ ଏକ ଚିଠା ଯୋଜନା ମାନଚିତ୍ର (Draft plan map) ପ୍ରସ୍ତୁତ କରାଯାଇଥାଏ । ଆବଶ୍ୟକ ଆଧାରିତ ଯୋଜନା ପ୍ରସ୍ତାବ, ସେଗୁଡ଼ିକର ଜାଗା, ଅଭିକଳ୍ପ ବା ଡିଜାଇନ୍, ଖର୍ଚ୍ଚର ବିସ୍ତୃତ ବିବରଣ ବୃହତ୍ ମାନର ମାନଚିତ୍ରରେ ଦର୍ଶାଯାଇଥାଏ । ଚିଠା ମାନଚିତ୍ର ଚର୍ଚ୍ଚା / ଆଲୋଚନା ଆୟୋଜିତ କରିବା ତଥା ବିଶେଷଜ୍ଞ ଏବଂ ସ୍ଥାନୀୟ ଲୋକଙ୍କ ଠାରୁ ପ୍ରସ୍ତାବ / ପରାମର୍ଶ ଆମନ୍ତ୍ରିତ କରିବାରେ ସହାୟତା କରିଥାଏ । ଚର୍ଚ୍ଚା ଏବଂ ପ୍ରସ୍ତାବଗୁଡ଼ିକୁ ଅନ୍ତତଃ ଯୋଜନା ନିମିତ୍ତ ପ୍ରତିଚିତ୍ର ଅଭିକଳ୍ପନାରେ ସହାୟତା କରିଥା'ନ୍ତି ।

ମାନଚିତ୍ରଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଚାହିଦା ବା ଦାବି ଯେପରିକି ସାର୍ବଜନିକ ଉପଯୋଗ ପାଇଁ କୋଠାଘର, ଯଥା - ବିଦ୍ୟାଳୟ, ଚିକିତ୍ସାଳୟ ଇତ୍ୟାଦି, ପାଣ୍ଠି, ସୁବିଧାସୁଯୋଗ, ବିଭିନ୍ନ ପ୍ରକାର ମାପ, ପ୍ରତ୍ୟାଶିତ ଖର୍ଚ୍ଚ ଅଥବା ପୁଞ୍ଜିନିବେଶ ଜାଣିବା ପାଇଁ ଆଧାର ରୂପେ କାର୍ଯ୍ୟ କରିଥାଆନ୍ତି । ଯେହେତୁ ମାନଚିତ୍ରଗୁଡ଼ିକ ବିସ୍ତୃତ ସୂଚନା / ତଥ୍ୟାବଳୀ ବହନ କରିଥାଆନ୍ତି ଏବଂ ସ୍ୱତଃପ୍ରାଞ୍ଜଳ (Self-explanatory) ମଧ୍ୟ ହୋଇଥାଆନ୍ତି, ସେଗୁଡ଼ିକ ପାଣ୍ଠି ପ୍ରଦାନକାରୀ ଅଭିକରଣ (funding agencies) ମାନଙ୍କ ଅନ୍ତଶୋଧନ ପାଇଁ ପ୍ରତ୍ୟକ୍ଷ ଅପୀଳ ରୂପେ କାର୍ଯ୍ୟ କରିଥାଆନ୍ତି । ବିଷୟ ନିର୍ଦ୍ଦିଷ୍ଟ ମାନଚିତ୍ରଗୁଡ଼ିକ ସ୍ଥାନୀୟ ଅଞ୍ଚଳ ଯୋଜନାର ଉପସ୍ଥାପନ, ଯୁକ୍ତିସଙ୍ଗତ ତର୍କ Logical argumentation) ତଥା ସୋପାନ ବଦ୍ଧ କ୍ରିୟାନ୍ୱୟନରେ ସହାୟତା କରିଥାଆନ୍ତି ।

ମାନଚିତ୍ର ପ୍ରସ୍ତୁତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା କମ୍ପ୍ୟୁଟର ମାନଚିତ୍ର କଳା (Cartography) ଜି.ଆଇ.ଏସ୍. (GIS), ପ୍ରତିବିମ୍ବ ପ୍ରକ୍ରିୟାକରଣ (Image Processing) ଇତ୍ୟାଦିର ଉପଯୋଗ ବିଭିନ୍ନ ମାନରେ ବିଭିନ୍ନ ପ୍ରକାର ମାନଚିତ୍ର ପ୍ରସ୍ତୁତ କରିବା ସମ୍ଭବ କରିପାରିଛି । ଠିକ୍ ସେହିପରି ଇଣ୍ଟରନେଟ୍, ଅନ୍‌ଲାଇନ୍, ୱେବ୍‌ସାଇଟ୍, ଇତ୍ୟାଦି ଭଳି ଯୋଗାଯୋଗ / ସଂସୂଚନା ପ୍ରଯୁକ୍ତି ବିଦ୍ୟା ଜ୍ଞାନ / ସୂଚନାକୁ ଅନ୍ୟ ଲୋକ ତଥା ସ୍ଥାନଗୁଡ଼ିକୁ



ଟିପ୍ପଣୀ

ସ୍ଥାନାନ୍ତରଣ କରିବା ପାଇଁ ସମ୍ଭାବନା / ପରିସର ବା ସୁଯୋଗ ସୃଷ୍ଟି କରିଥାଆନ୍ତି । ଏଣୁ ମାନଚିତ୍ର ଏବଂ ସଂସୂଚନା ପ୍ରଯୁକ୍ତିବିଦ୍ୟା ଗୁଡ଼ିକର ସ୍ଥାନୀୟ ଅଞ୍ଚଳ ଯୋଜନା ସହ ପ୍ରତ୍ୟକ୍ଷ ସୁସଙ୍ଗତି ରହିଛି ।

## 30.12 ସ୍ଥାନୀୟ ଅଞ୍ଚଳ ଯୋଜନାର ଏକ ସ୍ଥିତି - ଅଧ୍ୟୟନ ଗ୍ରାମ - ଆକବରପୁର (ବାନ୍ଦା, ଉତ୍ତରପ୍ରଦେଶ)

ଆକବରପୁର ଗ୍ରାମ, ଜିଲ୍ଲା ବାନ୍ଦା, ଉତ୍ତରପ୍ରଦେଶ ରାଜ୍ୟରେ ଅବସ୍ଥିତ ଅଟେ । ଭୌଗୋଳିକ ରୂପେ ଗ୍ରାମଟି ପ୍ରାୟ $25^0 12'$ ଉତ୍ତର ଅକ୍ଷାଂଶ ଏବଂ $80^0 47'$ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଅଟେ । ଗ୍ରାମଟି ମଧ୍ୟ ଭାରତୀୟ ମାଳଭୂମିର ଉତ୍ତର ପ୍ରାନ୍ତରେ ଅବସ୍ଥିତ ଏବଂ ବୁନ୍ଦେଲଖଣ୍ଡ ଅଞ୍ଚଳ ଏକ ଅଂଶ ଅଟେ ।

ବିନ୍ଧ୍ୟପାହାଡ଼ ଏବଂ ବାଦୌସ୍ ଅରଣ୍ୟାଞ୍ଚଳ ଗ୍ରାମର ଦକ୍ଷିଣ ଏବଂ ଦକ୍ଷିଣ ପଶ୍ଚିମ ସୀମା ଗଠନ କରିଛନ୍ତି । ଉତ୍ତର ଦିଗରେ ଛାତନ ଏବଂ ପହରା ଗ୍ରାମ ସହ ଏହାର ସଂଯୁକ୍ତ ସୀମାରେଖା ଅଛି । ଦକ୍ଷିଣରେ ଏହା ଗୋଣ୍ଡା, କରାରୀ ଏବଂ ଭରତକୂପ ସହ ସଂଯୁକ୍ତ ସୀମାରେଖା ଅଛି । ଭୂମିର ସାଧାରଣ ଗଡ଼ାଣି ଦକ୍ଷିଣ - ପଶ୍ଚିମରୁ ଉତ୍ତର - ପୂର୍ବ ଆଡ଼କୁ ଅଛି । ସଂରଚନାତ୍ମକ ସଂଗଠନ (Structural formation) ଦୃଷ୍ଟିରୁ ବିନ୍ଧ୍ୟନ ବାଲୁକା ପ୍ରସ୍ତର ଏହାର ଉପର ପୃଷ୍ଠ ସଂରଚନା କରୁଛି ଯାହା ଉପରେ ଯମୁନାର ଅପର ପାର୍ଶ୍ୱସ୍ଥ ନଦୀ ବାହିତ ପଟୁମାଟି ଶୀର୍ଷସ୍ତର ତିଆରି କରିଛି । ଗ୍ରାମରେ ମୁଖ୍ୟତଃ ତିନି ପ୍ରକାର ମୃତ୍ତିକା ଦେଖିବାକୁ ମିଳିଥାଏ । ଜଙ୍ଗଲ ଏବଂ ପାହାଡ଼ିଆ ମାଟି ଯାହା ପାହାଡ଼ଗୁଡ଼ିକ ତଳଦେଶ କଡ଼େ କଡ଼େ ଦେଖାଯାଇଥାଏ, ପତଳାମାଟି ସ୍ତରରେ ମିଶ୍ରିତ ବାଲି ଗରଡ଼ା ଏହାର ବିଶେଷତ୍ୱ ଅଟେ । ମଧ୍ୟ ଅଞ୍ଚଳରେ ସାଧାରଣତଃ କଳା ଏବଂ ହଳଦିଆ ମିଶ୍ରିତ ମାଟି ଦେଖାଯାଉଥିବାବେଳେ ଗ୍ରାମର ଉତ୍ତର ଅଂଶରେ କଳା ପଟୁମାଟି ପ୍ରାଧାନ୍ୟ ବିସ୍ତାର ଲାଭ କରିଛି ।

ଆକବରପୁରର ଉତ୍ତର-ପୂର୍ବର ଉଷ୍ଣ ଆର୍ଦ୍ର ଜଳବାୟୁ ତଥା ଥର୍ ମରୁଭୂମିର ଉଷ୍ଣ ଜଳବାୟୁର ମଧ୍ୟସ୍ଥିତ ଜଳବାୟୁ (Transitional climate) ଅନୁଭୂତ ହୋଇଥାଏ । ଖରାଦିନେ $40^0$ରୁ $45^0$ ମଧ୍ୟରେ ଉଚ୍ଚ ତାପମାତ୍ରା ଏବଂ ଶୀତଦିନେ $50^0$ ରୁ $10^0C$ ମଧ୍ୟରେ ନିମ୍ନ ତାପମାତ୍ରା ଅଭିଲେଖ କରାଯାଇଥାଏ । ଅଧିକାଂଶ ବର୍ଷା ଗ୍ରୀଷ୍ମର ମୌସୁମୀ ମାସଗୁଡ଼ିକରେ ହୋଇଥାଏ । ଏଠାରେ ହାରାହାରି ବାର୍ଷିକ ବୃଷ୍ଟିପାତ 55 ରୁ 80 ସେ.ମି. ହୋଇଥାଏ ।

ଗାଁରେ ପଶ୍ଚିମ ଦିଗରେ ଏକ ମସ୍‌ଜିଦ୍ ଏବଂ ଦକ୍ଷିଣ ପୂର୍ବ ଦିଗରେ ଏକ ମନ୍ଦିର ଅଛି । ଗାଁର ଜନସଂଖ୍ୟାର ଅଧିକାଂଶ ହିନ୍ଦୁ ସମ୍ପ୍ରଦାୟ ହୋଇଥିବାବେଳେ ଜନସଂଖ୍ୟା ଏକ ପଞ୍ଚମାଂଶ ମୁସଲିମ୍ ସମ୍ପ୍ରଦାୟ ଅଟନ୍ତି । ଏହା ବହୁ ବୃତ୍ତି ଭିତ୍ତିକ ଗ୍ରାମ ଯେଉଁଥିରେ ଚାଷୀ, ପଶୁଚାରକ, ଶିଳ୍ପୀ, ପରିବାହକ, ବ୍ୟବସାୟୀ ତଥା ଅନ୍ୟ ସେବା ପ୍ରଦାନକାରୀ ଅନ୍ତର୍ଭୁକ୍ତ ଅଟନ୍ତି । ଏହିପରି ଗ୍ରାମରେ ଲୋକମାନଙ୍କର ସୁସଙ୍ଗତ ସମୂହ ବାସ କରୁଛନ୍ତି ।

### (i) ସାମାଜିକ - ଆର୍ଥିକ ବ୍ୟବସ୍ଥା

1582 ଏକର କ୍ଷେତ୍ରଫଳ ବିଶିଷ୍ଟ ଏବଂ 2005 ରେ 3952 ଜନସଂଖ୍ୟା ଥାଇ ଆକବରପୁର ଏକ ମଧ୍ୟମ ଆକାରର ଗ୍ରାମ ଅଟେ । ଗ୍ରାମରେ 382ଟି ପରିବାର ଅଛନ୍ତି । ପରିବାରଗୁଡ଼ିକର ପ୍ରାୟ ଅର୍ଦ୍ଧେକ (137) କୃଷି ସମୁଦାୟର ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହାପରେ ସଂଖ୍ୟା କୃଷି ଶ୍ରମିକ (106) ପରିବାରର ଅଟେ । ଏହିଭଳି ପ୍ରାୟ 76.6 ଶତାଂଶ ପରିବାର ପ୍ରତ୍ୟକ୍ଷଭାବେ କୃଷି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ପାଖାପାଖି 15 ଶତାଂଶ ପରିବାର ତନ୍ତୀ ସମୁଦାୟର ହୋଇଥିବାବେଳେ ଅବଶିଷ୍ଟ ପ୍ରାୟ 8 ଶତାଂଶ ପରିବାର ଶିଳ୍ପୀ ତଥା ଅନ୍ୟ ସେବା ପ୍ରଦାନକାରୀ ବର୍ଗରେ ଅଟନ୍ତି । ଭୂମି ଅଧିକାର ଦୃଷ୍ଟିରୁ ଶତକଡ଼ା ଏକରୁ କମ୍ (0.34%) ବଡ଼ଚାଷୀ, ପ୍ରାୟ ଶତକଡ଼ା (8.9%) ମଧ୍ୟମ ଧରଣର ଚାଷୀ ଏବଂ ଅବଶିଷ୍ଟ ବହୁସଂଖ୍ୟକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଅଟନ୍ତି । ଗ୍ରାମର ମୋଟ ପରିବାରର ଶତକଡ଼ା 37 ଭୂମିହୀନ କୃଷି ଶ୍ରମିକ ଅଟନ୍ତି ।

ମୋଟ ଜନସଂଖ୍ୟାର ପ୍ରାୟ ଶତାଂଶ 37 ନିରକ୍ଷର ଅଟନ୍ତି । ମୋଟ ଜନସଂଖ୍ୟାର ପ୍ରାୟ 39.52 ଶତାଂଶ କର୍ମୀ / ଶ୍ରମିକ ଅଟନ୍ତି ଯେଉଁମାନେ ଭିତରୁ ପ୍ରାୟ 36 ଶତାଂଶ ମୁଖ୍ୟ ଶ୍ରମିକ ଏବଂ ପ୍ରାୟ 3 ଶତାଂଶ ନାମମାତ୍ର ବା ସ୍ୱଳ୍ପକାଳୀନ ଶ୍ରମିକ ଅଟନ୍ତି । ମୁଖ୍ୟ ଅଥବା ଦୀର୍ଘକାଳୀନ ଶ୍ରମିକ ସେହିମାନେ ଯେଉଁମାନେ ବର୍ଷସାରା ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିୟୋଜିତ ରହିଥାଆନ୍ତି । ଯଦ୍ୟପି ନାମମାତ୍ର ବା ସ୍ୱଳ୍ପକାଳୀନ ଶ୍ରମିକମାନେ ବର୍ଷର କିଛି ସମୟ ପାଇଁ



ଟିପ୍ପଣୀ

ପରିପୂରକ ଆଧାରରେ (Supplimentary basis) ନିୟୋଜିତ ହୋଇଥାଆନ୍ତି । ସାଧାରଣ ଭୂମି ଉପଯୋଗ ଦୃଷ୍ଟିରୁ 113 ଏକର ଭୂମି କୃଷିପାଇଁ ଉପଲବ୍ଧ ହୋଇନଥାଏ । କୃଷି ଉପଯୋଗୀ ପତିତ ଭୂମି ଏବଂ ଅନାବାଦୀ ଭୂମି (Follow land) ମିଶି ପ୍ରାୟ 119 ଏକର ଅଟେ । ଗ୍ରାମର ଜଙ୍ଗଲର କ୍ଷେତ୍ରଫଳ ପ୍ରାୟ 20.54 ଏକର ହୋଇଥିବାବେଳେ ମୋଟ କୃଷି ଯୋଗ୍ୟ ଭୂମି 646 ଏକର ଅଟେ । କୃଷି ଅନ୍ତର୍ଗତ ବାସ୍ତବିକ କ୍ଷେତ୍ର 379 ଏକର ଅଟେ ଯାହାର ପ୍ରାୟ ତିନି-ଚତୁର୍ଥାଂଶ (257 ଏକର) ଜଳସେଚିତ ବୋଲି ଦର୍ଶାଯାଇଛି ।

ସଂଯୋଗୀକରଣ (Connectivity) ଦୃଷ୍ଟିରୁ ଗ୍ରାମଟି ଝାନ୍ସୀ - ଏଲାହାବାଦ ରାଜପଥ ତଥା ମଧ୍ୟ ରେଳ ପଥର ଝାନ୍ସୀ-ମାଣିକପୁର ଖଣ୍ଡ ଦ୍ୱାରା ଉତ୍ତମ ରୂପେ ସଂଯୁକ୍ତ ଅଟେ । ପୂର୍ବ ଦିଗରେ ପ୍ରାୟ 135 କି.ମି. ଦୂରରେ ଏହ୍ଲାବାଦ୍ ସହର ଅବସ୍ଥିତ ଅଟେ ଏବଂ କରଓ୍ୱୀ ସହର ପ୍ରାୟ 15 କି.ମି. ଦୂରରେ ଅଛି । ପଶ୍ଚିମ ଆଡ଼କୁ ପ୍ରାୟ 55 କି.ମି. ଦୂରତାରେ ବାନ୍ଦା ଅବସ୍ଥିତ । ଗ୍ରାମରେ ଏକ ବସ୍ଷ୍ଟାଣ୍ଡ ଅଛି ଏବଂ ନିକଟତମ ରେଳଷ୍ଟେସନ 1½ କି.ମି. ଦୂରରେ ଅଛି ।

### (ii) କୃଷି ସମ୍ବନ୍ଧୀୟ ଭୂମି ଉପଯୋଗ (Agricultural Landuse)

କୃଷି ଭୂମି ଉପଯୋଗ ଋତୁ ଅନୁସାରେ ପରିବର୍ତ୍ତନ ହୋଇଥାଏ । ପ୍ରକୃତ ବୁଣା ଯାଇଥିବା କ୍ଷେତ୍ରର ପ୍ରାୟ 63 ଶତକଡ଼ା ଖରିଫ ଫସଲର ଅନ୍ତର୍ଭୁକ୍ତ ଅଟେ । ପ୍ରାୟ 36 ଶତାଂଶ ରବି ଫସଲ ଅନ୍ତର୍ଗତ ହୋଇଥିବାବେଳେ ଅବଶିଷ୍ଟ ପ୍ରାୟ ଶତକଡ଼ା 1 ଜୈଦ୍ (Zaid) ଫସଲ ପାଇଁ ରଖାଯାଇଥାଏ । ଖରିଫ ଫସଲର ବିବରଣୀ ଏଠାରେ ଦିଆଗଲା । ଖରିଫ ଋତୁରେ ମୋଟ ଚାଷ କରାଯାଇଥିବା ଜମିର ଶତକଡ଼ା 32 ଭାଗରେ ଧାନଚାଷ, ପ୍ରାୟ ଶତକଡ଼ା 25 ରେ ଯବ (Jawar)ଏବଂ ପ୍ରାୟ ଶତକଡ଼ା 24 ଭାଗରେ ବାଜରା ଚାଷ କରାଯାଇଥାଏ । ଏହିପରି କୃଷି କ୍ଷେତ୍ରର ପ୍ରାୟ ଶତକଡ଼ା 82 କେବଳ ଏହି ତିନୋଟି ଫସଲ ପାଇଁ ନିୟୋଜିତ ହୋଇଥାଏ । ଅନ୍ୟାନ୍ୟ ଖରିଫ ଫସଲ ମଧ୍ୟରେ କପା ପ୍ରାୟ ଶତାଂଶ 8, ଡାଲିଜାତୀୟ ଶସ୍ୟ ପ୍ରାୟ ଶତକଡ଼ା 4.68 ତଥା ତୈଳ ବୀଜ ପ୍ରାୟ ଶତକଡ଼ା 2.87 ଅଞ୍ଚଳରେ ହୋଇଥାଏ । ଫଳୋଦ୍ୟାନ ଏବଂ ତନ୍ତୁଜାତୀୟ ଫସଲ ପ୍ରତ୍ୟେକ ଶତକଡ଼ା 1 କ୍ଷେତ୍ରରେ ହୋଇଥାଆନ୍ତି ।

### (iii) ସୁଖ - ସ୍ୱାଚ୍ଛନ୍ଦ୍ୟ ଏବଂ ସାମାଜିକ ସୁବିଧା (Amenities and Social Facilities)

ସୁଖ-ସ୍ୱାଚ୍ଛନ୍ଦ୍ୟ ଏବଂ ସାମାଜିକ ସୁବିଧାର ବିବରଣ ସମ୍ପୃକ୍ତ ଅଞ୍ଚଳର ସାମାଜିକ ଭିତ୍ତିଭୂମି (Infrastructure)ର ସ୍ତରକୁ ପ୍ରତିଫଳିତ କରିଥାଏ । ସମସ୍ତ ପ୍ରକାର ବିକାଶ ପାଇଁ ମୌଳିକ ଆବଶ୍ୟକତା ଅଟେ । ଗ୍ରାମରେ ଏକ ସାର୍ବଜନିକ ଫୋନ୍ ଅଫିସ୍ ବ୍ୟତୀତ ପାଞ୍ଚଟି ବ୍ୟକ୍ତିଗତ ଫୋନ୍ ଅଛି । ରାସ୍ତାକଡ଼ରେ ଅବସ୍ଥିତି ହେତୁ ଗ୍ରାମରେ ଏକ ବସ୍ଷ୍ଟାଣ୍ଡ ଅଛି । ସେହିପରି ଭରତକୂପ ନିକଟତମ ରେଳଷ୍ଟେସନ୍ ଅଟେ ଯାହା ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଅଟେ । ଶୈକ୍ଷିକ ସୁବିଧା ସନ୍ଦର୍ଭରେ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ଏବଂ ଏକ ଜୁନିୟର ହାଇସ୍କୁଲ୍ ଅଛି । ଏଠାରେ ଦୁଇ ଜଣ ଚିକିତ୍ସା କର୍ମୀ ଏବଂ ଗୋଟିଏ ସରକାରୀ ଡାକ୍ତରଖାନା ଅଛି । ରାସ୍ତାକଡ଼ରେ ଏକ ଛୋଟ ଗ୍ରାମୀଣ ବଜାର ମଧ୍ୟ ଗଢ଼ିଉଠିଛି । ମିଠା ଓ ଜଳଖିଆ, ଚାହା, ପାନ, ସାଧାରଣ ପଣ୍ୟଦ୍ରବ୍ୟ, ପଥର ଖଣ୍ଡ, ଜାଳେଣିକାଠ, ମରାମତି ଦୋକାନ, ଚିକିତ୍ସା କର୍ମୀ ଇତ୍ୟାଦି କାରବାର କରୁଥିବା ନଅଟି ଚା ଦୋକାନ ଅଛି । ଗ୍ରାମରେ ଏକ ସୁରକ୍ଷା ଚେକ ପୋଷ୍ଟ ଅଛି । ପାନୀୟ ଜଳ ସୁବିଧା ଦୃଷ୍ଟିରୁ ଗ୍ରାମରେ ପାଞ୍ଚଟି କୂଅ, 17 ଟି ନିଜସ୍ୱ ହାତପମ୍ପ ଅଛି ଏବଂ ସରକାରଙ୍କ ଦ୍ୱାରା ତିନୋଟି ହାତପମ୍ପ ସ୍ଥାପନ କରାଯାଇଛି ।

### (iv) ସାଧାରଣ ସମ୍ପତ୍ତି ସମ୍ବଳ (Common Property Resouces)

ଗୋଷ୍ଠୀ ବା ସମୁଦାୟର କଲ୍ୟାଣ ପାଇଁ ସାଧାରଣ ସମ୍ପତ୍ତି ସମ୍ବଳଗୁଡ଼ିକୁ ଚିହ୍ନଟ କରଣ ଏବଂ ଉପଯୋଗ ଅଞ୍ଚଳକୁ ବିକଶିତ କରିବାର ଗୁରୁତ୍ୱପୂର୍ଣ୍ଣ ଆଧାର ଅଟେ । ଆକବର ପୁର ଗାଁରେ ସାଧାରଣ ଭୂମି, ଜଳ, ଘାସ ତଥା ବୃକ୍ଷଗୁଡ଼ିକର ଏକ ବିଶାଳ ଭଣ୍ଡାର ଅଛି ଯାହାକୁ ସ୍ଥାନୀୟ ସମାଜର ଦୀର୍ଘ ମିଆଦି କଲ୍ୟାଣ ପାଇଁ ପରିଚାଳନା ଏବଂ ଅନୁରକ୍ଷଣ କରିବାର ଆବଶ୍ୟକତା ଅଛି । ଭୂମି ସମ୍ବଳ ଦୃଷ୍ଟିରୁ ଦକ୍ଷିଣରେ ବିନ୍ଧ୍ୟ ପାହାଡ଼ର ଛୋଟ ପଥର ଚିକୁଡ଼ା ଏବଂ ବଡ଼ ପଥର ଖଣ୍ଡ ମିଳିଥାଏ । କଳା, ହଳଦିଆ ଏବଂ ପଥୁରିଆ ମାଟି ପ୍ରାଥମିକ କାର୍ଯ୍ୟକଳାପ ଆଧାର ରୂପେ କାର୍ଯ୍ୟ କରିବା ବ୍ୟତୀତ ନିର୍ମାଣ ସାମଗ୍ରୀ ପ୍ରଦାନ କରିଥାଏ । ଜଳ ସନ୍ଦର୍ଭରେ



ଟିପ୍ପଣୀ

ଗ୍ରାମରେ ଗୋଟିଏ ବଡ଼ ଏବଂ ଗୋଟିଏ ଛୋଟ ପୋଖରୀ ଅଛି । ବଡ଼ ପୋଖରୀଟି ପାହାଡ଼ର ନିକଟରେ ଅବସ୍ଥିତ ଥିବାବେଳେ ଛୋଟ ପୋଖରୀଟି ଉତ୍ତରପୂର୍ବ ଦିଗରେ ଅଛି । ଏହି ପୋଖରୀଗୁଡ଼ିକ ମାଳଭୂମି ଅଞ୍ଚଳରେ ଅତି ସାଧାରଣ ସ୍ଥଳୀ ହୋଇଥାଏ ଏବଂ ଏଗୁଡ଼ିକ ପଶୁ ତଥା ବଣ୍ୟ ପ୍ରାଣୀଙ୍କୁ ଜଳ ଯୋଗାଣ ପାଇଁ ଆଧାର ରୂପେ କାର୍ଯ୍ୟ କରିଥା'ନ୍ତି । ଏହି ପୋଖରୀଗୁଡ଼ିକ ସ୍ଥାନୀୟ ଉପଭୋଗ ପାଇଁ ମତ୍ସ୍ୟପାଳନ ତଥା ପାଣି କୋଳି, ପଦ୍ମ ଭଳି ଫସଲ ଉତ୍ପାଦନ ପାଇଁ ମଧ୍ୟ ଆଧାର ରୂପେ କାର୍ଯ୍ୟ କରିଥାଆନ୍ତି । ତୃଣଭୂମି ବା ଚାରଣଭୂମି ଗ୍ରାମର ସାଧାରଣ ସମ୍ପତ୍ତି ସମ୍ବଳ ।ଅଟେ । ସେଗୁଡ଼ିକ ରେଳପଥ ଏବଂ ରାଜପଥ କଡ଼ରେ, ନଦୀ ଓ ଝରଣା କୂଳେ କୂଳେ ତଥା ଦକ୍ଷିଣରେ ପାହାଡ଼ିଆ ରାସ୍ତା କଡ଼ରେ, ନଦୀ ଓ ଝରଣା କୂଳେ କୂଳେ ତଥା ଦକ୍ଷିଣରେ ପାହାଡ଼ିଆ ରାସ୍ତା କଡ଼ରେ ଭୂମି ଖଣ୍ଡ ରୂପେ ଦେଖାଯାଇଥା'ନ୍ତି । ମେଣ୍ଢା, ଛେଳି, ଗାଈ, ମହିଁଷୀ, ବଳଦ, ଘୋଡ଼ା ଇତ୍ୟାଦି ଗ୍ରାମର ପାଳିତ ପଶୁମାନେ ଏହି ଚାରଣ ଭୂମି ଗୁଡ଼ିକରେ ଚରିଥା'ନ୍ତି । ବୃକ୍ଷଗୁଡ଼ିକ ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ସମ୍ପତ୍ତି ସମ୍ବଳ । ଏହି ବୃକ୍ଷଗୁଡ଼ିକ ମୂଲ୍ୟବାନ ଫଳ, ଫୁଲ, ଆସବାବ (Furniture) ପାଇଁ କାଠ, ଜାଳେଣି କାଠ ଯୋଗାଇବା ସଙ୍ଗେ ସଙ୍ଗେ ପରିବେଶକୁ ସବୁଜିମା ପ୍ରଦାନ କରିଥା'ନ୍ତି । ଆମ୍ବ ଏବଂ ମହୁଲ ବଡ଼ ବଡ଼ ଗଛ ଅଟନ୍ତି ଏବଂ ଫଳ, ଫୁଲ ଏବଂ ଆସବାବ କାଠ ସନ୍ଦର୍ଭରେ ନିଜର ବାଣିଜ୍ୟିକ ମୂଲ୍ୟ ପାଇଁ ପ୍ରସିଦ୍ଧ ଅଟନ୍ତି । ଇଉକାଲିପଟାସ୍, ବାବୁଲ୍, ଲିମ୍ବ ଭଳି ଅନ୍ୟ ଗଛଗୁଡ଼ିକ ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ଆସବାବ ତଥା ଜାଳେଣି ପାଇଁ ଉପଯୋଗ କରାଯାଇଥାଏ । କଦମ୍ବ, କବେର ଆଦି ବୃକ୍ଷଗୁଡ଼ିକ ବାମନ ବୃକ୍ଷ ଅଟନ୍ତି ଏବଂ ଏଗୁଡ଼ିକୁ ମେଣ୍ଢା ଓ ଛେଳିମାନଙ୍କ ଚରିବା ପାଇଁ ବ୍ୟବହୃତ ହୋଇଥା'ନ୍ତି ଏବଂ ପାହାଡ଼ିଆ ଢ଼ାଲୁଗୁଡ଼ିକରେ ପୁଷ୍ପନ ଗଛ (Flowering plant) ରୂପେ ବ୍ୟବହୃତ ହୋଇଥା'ନ୍ତି ।

**(v) ଯୋଜନା ପ୍ରସ୍ତାବ**

ଉପରୋକ୍ତ ବର୍ଣ୍ଣନା ଆଧାରରେ କେତେଗୁଡ଼ିଏ ଯୋଜନା ପ୍ରସ୍ତାବ ପ୍ରସ୍ତୁତ କରାଯାଇପାରେ । ଏହି ପ୍ରସ୍ତାବ ଗୁଡ଼ିକୁ ପରିସ୍ଥିତିକୀୟ ସାମାଜିକ ଏବଂ ଅର୍ଥନୈତିକ ସମୂହରେ ବିଭାଜିତ କରାଯାଇପାରେ ।

## (କ) ପରିସ୍ଥିତିକୀୟ ଯୋଜନା (Ecological Planning)

ପରିସ୍ଥିତିକୀୟ ଯୋଜନାର ଲକ୍ଷ୍ୟ ହେଉଛି ଅଞ୍ଚଳର ସାଧାରଣ ପରିବେଶ ଅବସ୍ଥା / ସ୍ଥିତିକୁ ଅଭିବୃଦ୍ଧି କରିବା । ଭୂମି, ଜଳ ଏବଂ ସବୁଜ ଆବରଣର ଅଭିବୃଦ୍ଧି ସନ୍ଦର୍ଭରେ ଏହା ଯୋଜନା କରାଯାଇପାରେ । ମୃତ୍ତିକା କ୍ଷୟ ନିବାରଣର ସଂରକ୍ଷଣ ପଦ୍ଧତି, ପାହାଡ଼ିଆ ଢ଼ାଲୁ ଗୁଡ଼ିକରେ ଭୂ-ଆକୃତି ଏବଂ ଜମିରେ ଜୈବଖତ ସଂରକ୍ଷଣ ପଦ୍ଧତିକୁ ଭୂମି ଗୁଣତା ଅଭିବୃଦ୍ଧି ପାଇଁ ପ୍ରଚଳନ ବା କ୍ରିୟାଶୀଳ କରାଯାଇପାରେ । ଠିକ୍ ସେହିପରି ମରୁଡ଼ି ବର୍ଷ ଗୁଡ଼ିକରେ ଘରୋଇ, ଚାରଣ ଏବଂ କୃଷି ନିମିତ୍ତ ଜଳର ଆବଶ୍ୟକତା ପୂରଣ ପାଇଁ ଜଳ ସମ୍ବଳର ଗୁଣତା ତଥା ପରିମାଣ ଅଭିବୃଦ୍ଧି ନିମିତ୍ତ ପୋଖରୀ ଗୁଡ଼ିକର ଗଭୀରକରଣ, ପୋଖରୀ ଗୁଡ଼ିକୁ ପଟୁମାଟି ସଫାକରିବା, ଜଳ ପୁନର୍ଭରଣ ତଥା ବର୍ଷା ଜଳ ପୁନର୍ଭରଣର ସ୍ତରକୁ ବୃଦ୍ଧି କରିବା ଯାହା ପ୍ରତି ବଦଳରେ ନୂତନ ରୋପଣ ପାଇଁ ଜଳ ଉପଲବ୍ଧ କରାଇବା ସଙ୍ଗେ ସଙ୍ଗେ ଭୂମିର ଉତ୍ପାଦକତାକୁ ମଧ୍ୟ ବୃଦ୍ଧି କରିବ ।

ସ୍ୱାସ୍ଥ୍ୟକର ପରିବେଶ ପାଇଁ ସବୁଜ ଆବରଣର ସ୍ତର ତଥା ଜୈବ ସମୂହରେ ବୃଦ୍ଧି ଅନିବାର୍ଯ୍ୟ ଅଟେ । ସବୁଜ ଆବରଣ ବୃଦ୍ଧି କରିବା ପାଇଁ ଉପାୟଗୁଡ଼ିକ ମଧ୍ୟରେ ରାଜପଥ, ନଦୀ ତୀର, ରେଳପଥ ପାର୍ଶ୍ୱରେ ପୋଖରୀ ଚାରିପଟେ ଏବଂ ପଞ୍ଚାୟତ ଭୂମିରେ ବୃକ୍ଷରୋପଣ ସମାବେଶ କରାଯାଇପାରେ । ଛୋଟ ଏବଂ ବାମନ ଗଛ ଗୁଡ଼ିକୁ ପୁଷ୍ପନ ଉଦ୍ଭିଦଗୁଡ଼ିକ ସହ ପାହାଡ଼ିଆ ଢ଼ାଲୁଗୁଡ଼ିକରେ ଲଗାଯାଇପାରେ । ଏହି ଯୋଜନା ପ୍ରସ୍ତାବ ପାଇଁ ଆର୍ଥିକ ତଥା ପ୍ରଯୁକ୍ତିଗତ ସହାୟତା ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଏବଂ ଜିଲ୍ଲା ଯୋଜନା କାର୍ଯ୍ୟାଳୟରୁ ଉପଲବ୍ଧ କରାଯାଇପାରିବ । ଥରେ ଏହି ଯୋଜନା ପ୍ରସ୍ତାବଗୁଡ଼ିକ କାର୍ଯ୍ୟାନ୍ୱିତ ହୋଇଗଲେ ଏହି ପରିସ୍ଥିତିକୀୟ ନିବେଶ (Ecological input) ଗୁଡ଼ିକର ସୁରକ୍ଷା ଓ ଅନୁରକ୍ଷଣରେ ସ୍ଥାନୀୟ ଲୋକମାନଙ୍କର ସହଯୋଗ ଏବଂ ସହଭାଗୀତା ସାହାଯ୍ୟ କରିଥାଏ ।

## (ଖ) ସାମାଜିକ ଯୋଜନା (Social Planning)

ପରିସ୍ଥିତିକୀୟ ତଥା ଅର୍ଥନୈତିକ ଯୋଜନାର ହିତଗୁଡ଼ିକର ସୁରକ୍ଷା ପାଇଁ ସାମାଜିକ ଯୋଜନା ଆବଶ୍ୟକୀୟ ଅଟେ । ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ସନ୍ତୁଳିତ ବିକାଶ ନିମିତ ଏକ ପରିସମ୍ପତ୍ତି (Asset) ଅଟେ । ଆକବରପୁର ଗ୍ରାମର ସାମାଜିକ ଯୋଜନା ନିମିତ୍ତ ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶିକ୍ଷଣ ତଥା ରୋଜଗାର ସୃଷ୍ଟି କ୍ଷେତ୍ରରେ ଅଧିକ ଦୃଷ୍ଟି ଦେବା

ଆବଶ୍ୟକ ଅଟେ । ମହିଳା, ଶିଶୁ ତଥା ବୟସ୍କ ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟର ସ୍ଥିତି ଦୟନୀୟ ଅଟେ । ଗୋଟିଏ ଛୋଟ ସ୍ୱାସ୍ଥ୍ୟ କେନ୍ଦ୍ର ବ୍ୟତୀତ ଅନ୍ୟୁନ ଏକ ପ୍ରସୂତି ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ଜରୁରୀକାଳୀନ ଯୋଜନାର ଆବଶ୍ୟକତା ଅଛି । ପ୍ରଶିକ୍ଷିତ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ନିଶ୍ଚିତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ସ୍ୱାସ୍ଥ୍ୟ ଅଭିବୃଦ୍ଧି ତଥା ଜନସଂଖ୍ୟା ନିୟନ୍ତ୍ରଣରେ ସହାୟତା କରିପାରିବ । ସେହିଭଳି ଗ୍ରାମର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ନିମିତ୍ତ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗୋଟିଏ ଉଚ୍ଚ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ହେବା ବାଞ୍ଛନୀୟ ଅଟେ । ଏକ ଔଦ୍ୟୋଗିକ ପ୍ରଶିକ୍ଷଣ ପ୍ରତିଷ୍ଠାନ ମଧ୍ୟ ଗ୍ରାମର ଅନିବାର୍ଯ୍ୟ ଆବଶ୍ୟକତା ଅଟେ କାରଣ ଲୁଗାବୁଣିବା, ବଢ଼େଇ କାମ / କାଠକାମ, ସୁନାର କାମ ବର୍ତ୍ତମାନ ମଧ୍ୟ ଗ୍ରାମରେ ପାରିବାରିକ ପେଶା ରୂପେ ପ୍ରଚଳିତ ଅଛି । ଗ୍ରାମୀଣ ଯୁବାମାନଙ୍କର ଉତ୍ପ୍ରବାସ ସମସ୍ୟାକୁ ସମାଧାନ କରିବା ପାଇଁ ଗ୍ରାମରେ ସ୍ୱ-ନିୟୋଜନକୁ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ ଅଟେ । ଲୋକମାନଙ୍କର ଋଣ, ସଞ୍ଚୟ ତଥା ପୁଞ୍ଜିଲଗାଣ ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ ଏକ ଗ୍ରାମୀଣ ବ୍ୟାଙ୍କ ଶାଖା ମଧ୍ୟ ସ୍ଥାପନ କରାଯାଇପାରେ ।

## (ଘ) ଅର୍ଥନୈତିକ ଯୋଜନା (Economic Planning)

ସ୍ଥାନୀୟ ଅଞ୍ଚଳର ବିକାଶ ନିମିତ୍ତ ଏକ ସୁସ୍ଥ ଅର୍ଥନୈତିକ ଆଧାର ଅନିବାର୍ଯ୍ୟ ଅଟେ । ଆକବର ଗ୍ରାମରେ ଏକାଧିକ ପୋଖରୀ ଅଛି ଯେଉଁଗୁଡ଼ିକୁ ମାଛଚାଷ ଏବଂ ପାଣି କୋଳି (Water Nut) ପାଇଁ ବିକଶିତ କରାଯାଇପାରେ । ଏହି ଅଞ୍ଚଳରେ ପଥର ଖଣ୍ଡ ଏକ ଭଲ ଆଧାର ଅଛି । ସୁତରାଂ ଖନନ ପଥରକାଟିବା ଅର୍ଥନୈତିକ କାର୍ଯ୍ୟକଳାପ ରୂପେ ଆରମ୍ଭ କରାଯାଇପାରେ । ଜଙ୍ଗଲରୁ ଗଛ ବିଶେଷତଃ ଶାଖାଗୁଡ଼ିକ କାଠଗଣ୍ଡି କାମ ପାଇଁ ଉପଯୋଗ କରାଯାଇପାରେ । ସେହିଭଳି ନିର୍ମାଣ କାର୍ଯ୍ୟପାଇଁ ପ୍ରଚୁର ପରିମାଣରେ ବାଲି ଏବଂ ମାଟି ଉପଲବ୍ଧ ଅଟେ । ଆଧୁନିକ ହସ୍ତତନ୍ତ ଚୟନ ଏବଂ ସୂତା କାଟିବା କାମକୁ ଆହୁରି ଉନ୍ନତ କରିପାରିବ । ଅଧିକ ଦୁଧିଆଳୀ ଗାଈ ଏବଂ ମହିଷୀକୁ ଆଣିବା ଦ୍ୱାରା ଦୁଗ୍ଧ ଉଦ୍ୟୋଗର ଅଭିବୃଦ୍ଧି କରାଯାଇପାରେ । ଠିକ୍ ସେହିଭଳି ଶଙ୍କର ଜାତୀୟ ଛେଳି ଓ ମେଣ୍ଢାମାନେ ଗ୍ରାମରେ ପଶୁଚାରକ ମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇପାରିବେ । ଏହି ପ୍ରାଣୀମାନଙ୍କ ମାଂସ ଉଦ୍ୟୋଗରେ ମଧ୍ୟ ଉପଯୋଗ କରାଯାଇପାରିବ । ଗ୍ରାମଟି ରାଜପଥ କଡ଼ରେ ଅବସ୍ଥିତ ହୋଇଥିବା କାରଣରୁ ଏହା ନିକଟବର୍ତ୍ତୀ ସହର ଚିତ୍ରକୂଟ (କରୱୀ) ଏବଂ ଅଟାରାର ବଜାରରେ ଏହାର ଉତ୍ପାଦଗୁଡ଼ିକୁ କିଣାବିକା କରିବାର ଲାଭ ଉଠାଇ ପାରିବ । ଗ୍ରାମୀଣ ସଡ଼କଗୁଡ଼ିକର ନିର୍ମାଣ ବ୍ୟତୀତ ଏକ ବ୍ୟାଙ୍କ ପ୍ରତିଷ୍ଠା ଏବଂ ଗୋଟିଏ ପଞ୍ଚାୟତ ଘର ନିର୍ମାଣ କରିବା ଦ୍ୱାରା ଗ୍ରାମୀଣ ସମୁଦାୟ ମାନଙ୍କର ସେମାନଙ୍କର ସହରୀ ପ୍ରତିପାକ୍ଷ ସହ ପାରସ୍ପରିକ କ୍ରିୟାକୁ ଆହୁରି ଉନ୍ନତ କରାଯାଇପାରେ । ସହରରେ ଗ୍ରାମୀଣ ଉତ୍ପାଦଗୁଡ଼ିକୁ ନିୟମିତ ଆଧାରରେ ବିକ୍ରୟ କରାଯାଇପାରେ ।

### ପାଠ୍ୟଗତ ପ୍ରଶ୍ନ 30.5

1. ମାନଚିତ୍ର ପ୍ରସ୍ତୁତ କଲାବେଳେ କେଉଁ କେଉଁ କାରକଗୁଡ଼ିକୁ ବିବେଚନା କରିବା ଆବଶ୍ୟକ ଅଟେ ?

   ______________________________

2. ଆକବରପୁର ଗ୍ରାମର ଭୌଗଳିକ ଅବସ୍ଥିତି କ'ଣ ଅଟେ ? ପାଠରେ ଦିଆଯାଇଥିବା ବର୍ଣ୍ଣନାକୁ ଆଧାର କରି ଏକ ରେଖାଙ୍କିତ ମାନଚିତ୍ର ଅଙ୍କନ କର ।

   ______________________________

3. ଆକବରପୁର ଗ୍ରାମର କୃଷି ଭୂମି ଉପଯୋଗ କ'ଣ ଅଟେ ?

   ______________________________

4. ଆକବରପୁର ଗ୍ରାମର ଯୋଜନା ସମ୍ବନ୍ଧୀୟ ଆବଶ୍ୟକତାଗୁଡ଼ିକ କ'ଣ କ'ଣ ?

   ______________________________

5. ଆକବରପୁର ଗ୍ରାମରେ ଯୋଜନାର ପ୍ରମୁଖ ସାମାଜିକ ତଥା ଅର୍ଥନୈତିକ ଯୋଜନା ଗୁଡ଼ିକର ଆଲୋଚନା କର

   ______________________________

## ତୁମେ କ'ଣ ଶିଖିଲ

ସ୍ଥାନୀୟ ଅଞ୍ଚଳ ଯୋଜନା ପ୍ରସ୍ତୁତିକରଣ ଯୋଜନା ପ୍ରସ୍ତୁତିକରଣର ଏକ ପ୍ରକ୍ରିୟା ଅଟେ ଯାହା ସ୍ଥାନୀୟ ସ୍ତରର ସମସ୍ୟା ତଥା ବିଷୟଗୁଡ଼ିକର ସମାଧାନ ସହ ସମ୍ପର୍କିତ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ତଥା ସାଂସ୍କୃତିକ ଉଭୟ ବିଶେଷତ୍ୱ ଥାଏ, ଯେପରିକି ଅଞ୍ଚଳର ଭୂ-ପରିଦୃଶ୍ୟ (Landscapes), ସ୍ଥାନୀୟ ଉତ୍ପାଦ, ଲୋକନୃତ୍ୟ, ହସ୍ତଶିଳ୍ପ ଇତ୍ୟାଦି । ସ୍ଥାନ ଏବଂ ଲୋକମାନଙ୍କର ସମସ୍ୟା ସମାଧାନ ନିମିତ୍ତ ଉପାୟ ଏବଂ ସାଧନ (Ways and means) ଖୋଜି ବାହାରକରିବା ପ୍ରୟାସକୁ ଯୋଜନା ପ୍ରଣୟନ କୁହାଯାଏ । ଯୋଜନା ପ୍ରଣୟନ ବିଭିନ୍ନ ବିଭିନ୍ନ ସ୍ତରରେ ଯଥା - ଛୋଟ ସ୍ଥାନୀୟ ଅଞ୍ଚଳରୁ ପୃଥିବୀ / ବିଶ୍ୱ ଭଳି ବିଶାଳ କ୍ଷେତ୍ର ପର୍ଯ୍ୟନ୍ତ, କରାଯାଇଥାଏ । ମାତ୍ର ସ୍ଥାନୀୟ ଲୋକମାନଙ୍କର ଆନ୍ତରିକ ପ୍ରୟାସ ହିଁ ସ୍ଥାନୀୟ ଅଞ୍ଚଳକୁ ସ୍ୱଚ୍ଛ, ସବୁଜ ଏବଂ ସମୃଦ୍ଧ ହେବା ନିଶ୍ଚିତ କରିଥାଏ । ସ୍ଥାନୀୟ ଅଞ୍ଚଳ ଯୋଜନା ନିମିତ୍ତ ମୌଳିକ / ଅଧାରଭୂତ୍ୱ ଆବଶ୍ୟକତାଗୁଡ଼ିକ ହେଲା - ହାସଲ କରିବାକୁ ଥିବା ଲକ୍ଷ୍ୟ ତଥା ପ୍ରାଥମିକତା (Priporities) ଗୁଡ଼ିକୁ ସ୍ଥିରକୃତ କରି ଉଦ୍ଦେଶ୍ୟ ନିରୂପଣ କରିବା, ଯୋଜନା ନିଷ୍ପାଦନ ପାଇଁ ସ୍ଥାନୀୟ ଏବଂ ଅନ୍ୟାନ୍ୟ ସମ୍ବଳଗୁଡ଼ିକର ଯୋଗାଡ଼ କରିବା, ଯୋଜନାର କାର୍ଯ୍ୟାନ୍ୱୟନ ତଥା ଅଗ୍ରଗତିର ତଦାରଖ / ପର୍ଯ୍ୟାଲୋଚନା ପାଇଁ ସାମାଜିକ ସମୂହ ସୃଷ୍ଟି କରିବା । ସ୍ଥାନୀୟ ଅଞ୍ଚଳ ଯୋଜନାର ସଫଳତା ମୋଟାମୋଟି ଭାବେ ଅଞ୍ଚଳରେ ପରିସ୍ଥିତିକୀୟ ତଥା ସାମାଜିକ - ଅର୍ଥନୈତିକ ଆଧାର ଉପରେ ନିର୍ଭର କରିଥାଏ । ଏହି କାରଣରୁ ସ୍ଥାନୀୟ ଅଞ୍ଚଳ ଯୋଜନାଗୁଡ଼ିକ ସ୍ଥାନରୁ ସ୍ଥାନକୁ ଅନେକ ଭିନ୍ନ ହୋଇଥାଏ । ସ୍ଥାନୀୟ ଅଞ୍ଚଳ ଯୋଜନାର ପରିସର (Dimesions) ଗୁଡ଼ିକହେଲା ଅନିବାର୍ଯ୍ୟ ରୂପେ ଲୋକମାନଙ୍କର ମୌଳିକ ଓ ଉଚ୍ଚତର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ନିମିତ୍ତ ରୋଜଗାରର ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା । ସୁତରାଂ ସ୍ଥାନୀୟ ସମ୍ବଳଗୁଡ଼ିକର ଆବଶ୍ୟକତା - ଆଧାରିତ ଉପଯୋଗ ଏଭଳି ଯୋଜନାର ପ୍ରାକ୍-ସର୍ତ୍ତ ଅଟେ ସ୍ଥାନୀୟ ସମ୍ବଳଗୁଡ଼ିକର ଅର୍ଥହେଲା ଶିଳା ଓ ମୃତ୍ତିକା ଭୂମି ସମ୍ବଳ, ଜଳ ସମ୍ପଦ, ଉଦ୍ୟାନ ତଥା ଅରଣ୍ୟ ସମ୍ପଦ । ସ୍ଥାନୀୟ ସମ୍ବଳଗୁଡ଼ିକର ଆକଳନ, ତଥ୍ୟ ସଂଗ୍ରହ, ଯୋଜନା ପ୍ରସ୍ତୁତିକରଣ ତଥା ଏହାର କାର୍ଯ୍ୟାନ୍ୱୟନରେ ସହାୟତା କରିଥାଏ । ଏଣୁ ଯୋଜନା ପ୍ରଣୟନ ଏକ ନିରନ୍ତର ପ୍ରକ୍ରିୟା ଅଟେ । ଭାରତ, ଲୋକମାନଙ୍କର କଲ୍ୟାଣ ନିମିତ୍ତ, ତା'ର ଅର୍ଥବ୍ୟବସ୍ଥା ଓ ଅଞ୍ଚଳଗୁଡ଼ିକରୁ ବିକାଶିତ କରିବା ପାଇଁ ଯୋଜନାବଦ୍ଧ ପ୍ରୟାସ କରି ଆସୁଅଛି । ଭାରତ ବର୍ତ୍ତମାନ ସୁଦ୍ଧା ତା'ର ପ୍ରାଥମିକତା ଆଧାରରେ 11ଟି ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିସାରିଛି । ପ୍ରାଥମିକତାଗୁଡ଼ିକ ବିଭିନ୍ନ ଯୋଜନା ଅବଧି ଗୁଡ଼ିକରେ ପରିବର୍ତ୍ତିତ ହୋଇ ଆସୁଅଛି । ପ୍ରାଥମିକତାଗୁଡ଼ିକ ବିଭିନ୍ନ ଯୋଜନା ଅବଧି ଗୁଡ଼ିକରେ ପରିବର୍ତ୍ତିତ ହୋଇଆସୁଅଛି । ମାତ୍ର ଏହିସବୁ ଯୋଜନା ଲୋକମାନଙ୍କ ସାଧାରଣ କଲ୍ୟାଣକୁ ମୁଖ୍ୟ ଉଦ୍ଦେଶ୍ୟ ରୂପେ ରଖି ଉଚ୍ଚତର ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ସମସ୍ୟା ଏବଂ ସାମର୍ଥ୍ୟ ରହିଥାଏ । ଏଣୁ ଯୋଜନା ପ୍ରଣୟନ ନିମିତ୍ତ ଅନନ୍ୟ ଆବଶ୍ୟକତାଗୁଡ଼ିକ ଉପସ୍ଥାପିତ ହୋଇଥାଏ । ଜଳ ଅମଳ ଓ ପରିଚାଳନା, ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି, ଆଦିବାସୀ କଲ୍ୟାଣ, ବନ୍ୟପ୍ରାଣୀଙ୍କର ସୁରକ୍ଷା, ସ୍ଥାନୀୟ ପରିବେଶ ପରିଚାଳନା ନିମିତ୍ତ ଲୋକଙ୍କୁ କ୍ଷମତା ପ୍ରଦାନ ଇତ୍ୟାଦି ବିଭିନ୍ନ ଅଞ୍ଚଳର ସେମାନଙ୍କର ଅନନ୍ୟ ଆବଶ୍ୟକତା ଆଧାରିତ କେତେକ ଯୋଜନା ସନ୍ଦର୍ଭିତା ପ୍ରାଥମିକତା ଅଟନ୍ତି । ସ୍ଥାନୀୟ ପରିବେଶର ଗୁଣତା ଅଭିବୃଦ୍ଧି ନିମିତ୍ତ ସ୍ଥାନୀୟ ସମ୍ବଳଗୁଡ଼ିକର ସଦୁପଯୋଗ ଏବଂ ସ୍ଥାନୀୟ ଲୋକଙ୍କର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ସମ୍ବଳ ଅବକ୍ଷୟ ଦୃଷ୍ଟିରୁ ଇଷ୍ଟତମ ସମ୍ବଳ ଉପଯୋଗ (Optimal resource utilisation) ଏବଂ ସେଗୁଡ଼ିକର ନବୀକରଣୀୟତା (Renewability)ର ଆବଶ୍ୟକତା ଅଛି । ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ଯୋଜନା ନିମିତ୍ତ ମାନଚିତ୍ର ମୌଳିକ ସାଧନ / ଉପକରଣ ଅଟେ । ମାନଚିତ୍ର, ରେଖାଚିତ୍ର ଏବଂ ଫଟୋଗ୍ରାଫ୍‌ଗୁଡ଼ିକର ଉପଯୋଗ ସ୍ଥାନୀୟ ବିଷୟ ସମସ୍ୟା ଗୁଡ଼ିକୁ ଚିହ୍ନଟ କରିବା, ତଥ୍ୟ / ସୂଚନା ସଂଗ୍ରହ କରିବା, ତଥା ସ୍ଥାନୀୟ ଅଞ୍ଚଳ ଯୋଜନାର ପ୍ରତିଚିତ୍ର (Blue print)କୁ ଅନ୍ତିମ ରୂପେ ଦେବାର ସହାୟତା କରିଥା'ନ୍ତି । ଅଞ୍ଚଳର ସାମାଜିକ ଅର୍ଥନୈତିକ ବ୍ୟବସ୍ଥା, ଭୂମି - ଉପଯୋଗ ପ୍ରତିରୂପ (Pattern) ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ସାମାଜିକ ସୁବିଧା ସୁଯୋଗ ତଥା ସାଧାରଣ ସମ୍ପତ୍ତି ସମ୍ବଳ ଗୁଡ଼ିକର ବିଶ୍ଳେଷଣ କରିବା ପାଇଁ ସ୍ଥିତି ଅଧ୍ୟୟନ ପ୍ରସ୍ତୁତ କରିବା ଉଚିତ୍ । ଏହି ସ୍ଥିତି ଅଧ୍ୟୟନ ଗୁଡ଼ିକର ଫଳାଫଳ ଗୁଡ଼ିକ ଆଧାରରେ ଯୋଜନା ପ୍ରସ୍ତାବ ଗୁଡ଼ିକ ପ୍ରସ୍ତୁତ କରିବା ବାଞ୍ଛନୀୟ ଅଟେ । ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ଅଞ୍ଚଳରେ ପରିବେଶୀୟ, ସାମାଜିକ ତଥା ଅର୍ଥନୈତିକ ଯୋଜନା ନିମିତ୍ତ ବିଷୟ ଏବଂ ସୁନିର୍ଦ୍ଦିଷ୍ଟ ପରିକଳ୍ପନାଗୁଡ଼ିକ ଅନ୍ତର୍ଭୁକ୍ତ କରିବା ନିତାନ୍ତ ଆବଶ୍ୟକ ଅଟେ ।



ଟିପ୍ପଣୀ

## ପାଠ୍ୟାନ୍ତ ପ୍ରଶ୍ନ

1. ସ୍ଥାନୀୟ ଅଞ୍ଚଳ ଯୋଜନାର ଯେକୌଣସି ଦୁଇଟି ପରିସର / ଦିଗକୁ ସଂକ୍ଷେପରେ ବର୍ଣ୍ଣନା କର ।

   ___________________________________

2. ସ୍ଥାନୀୟ ଅଞ୍ଚଳ ଯୋଜନାର ମୌଳିକ ବିଶେଷତ୍ୱ ଗୁଡ଼ିକର ଆଲୋଚନା କର ।

   ___________________________________

3. ସ୍ଥାନୀୟ ଲୋକମାନେ କିପରି ସ୍ଥାନୀୟ ସ୍ୱ-ପ୍ରୟାସ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଅଭିବୃଦ୍ଧି କରିପାରିବେ ?

   ___________________________________

4. ସ୍ଥାନୀୟ ଅଞ୍ଚଳ ଯୋଜନା ପ୍ରଣୟନରେ ମାନଚିତ୍ରର ଉପଯୋଗୀତା କ'ଣ ହୋଇଥାଏ ?

   ___________________________________

5. ଆଦିବାସୀ ଅଞ୍ଚଳଗୁଡ଼ିକର ଅନନ୍ୟ ଆବଶ୍ୟକତାଗୁଡ଼ିକର ବ୍ୟାଖ୍ୟା କର ।

   ___________________________________

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**30.1**

1. **ସ୍ଥାନୀୟ ଅଞ୍ଚଳ :** ଏକ ସ୍ଥଳ ଅବସ୍ଥିତି ବିଶିଷ୍ଟ ବିଷୟ (Issue), ବସ୍ତୁ ଅଥବା ସମୁଦାୟ ଅଟେ । ଏହା ପ୍ରାକୃତିକ ତଥା ସାଂସ୍କୃତିକ ଉଭୟ ଭୂ-ପରିଦୃଶ୍ୟ ଉପସ୍ଥାପନା କରିଥାଏ ଯଥା - ହସ୍ତଶିଳ୍ପ ଭଳି ସ୍ଥାନୀୟ ଉତ୍ପାଦ ତଥା ଲୋକନୃତ୍ୟ, କଳାତ୍ମକ ବସ୍ତୁ ଇତ୍ୟାଦି ପରି ଆଞ୍ଚଳିକ ବୈଶିଷ୍ଟ୍ୟ । ସ୍ଥାନୀୟ ଅଞ୍ଚଳ, ଅବସ୍ଥିତି ଏବଂ ଲୋକମାନଙ୍କର ସହ ଦୃଢ଼ ବନ୍ଧନକୁ ପ୍ରତିଫଳିତ କରିଥାଏ ।

   **ଯୋଜନା ପ୍ରଣୟନ :** ଲୋକମାନେ ଏବଂ ସ୍ଥାନଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ କରିବାର ଉପାୟ ଏବଂ ସାଧନଗୁଡ଼ିକ ଖୋଜି ବାହାର କରିବାର ଏକ ପ୍ରୟାସ ଅଟେ । ଏହା ସ୍ଥାନୀୟ ପରିବେଶର ତଥା ମଣିଷ ଜୀବନର ଗୁଣତା ଅଭିବୃଦ୍ଧି ମଧ୍ୟ ଲକ୍ଷ୍ୟ ରଖିଥାଏ ।

2. **ଭାରତରେ ଯୋଜନା ପ୍ରଣୟନର ବିଭିନ୍ନ ସ୍ତରଗୁଡ଼ିକ ହେଲା :**

   ସ୍ଥାନୀୟ ଅଞ୍ଚଳ ଯୋଜନା ପ୍ରଣୟନ, ବ୍ଲକ୍ ଅଥବା ଲଘୁ ସ୍ତରୀୟ ଯୋଜନା ପ୍ରଣୟନ, ଜିଲ୍ଲା ସ୍ତରୀୟ ଯୋଜନା ପ୍ରଣୟନ, ରାଜ୍ୟସ୍ତରୀୟ ଯୋଜନା ପ୍ରଣୟନ ଏବଂ ଜାତୀୟ ସ୍ତରୀୟ ଯୋଜନା ପ୍ରଣୟନ ।

3. **କୌଣସି ଅଞ୍ଚଳର ଯୋଜନା ନିମିତ୍ତ ତିନୋଟି ଆହ୍ୱାନ ହେଲା :**

   (କ) ପରିବେଶ ଅବକ୍ରମଣ

   (ଖ) ଦାରିଦ୍ର୍ୟ ତଥା କୁପୋଷଣ

   (ଗ) ବେରୋଜଗାରୀ / ବେକାର

4. **ଯୋଜନାରୁ ଲୋକମାନଙ୍କର ମୌଳିକ ପ୍ରତ୍ୟାଶିତ ଗୁଡ଼ିକ ହେଲା :**



ଟିପ୍ପଣୀ

(କ) ମୌଳିକ ସେବା ତଥା ସୁଖ-ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା

(ଖ) କୃଷି ଓ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ନିମିତ୍ତ ଜଳସେଚନ, ଉଦ୍ୟୋଗ ଭଳି ବିକାଶାତ୍ମକ ପ୍ରକଳ୍ପ

(ଗ) ରୋଜଗାର ସୃଷ୍ଟି ତଥା ସେମାନଙ୍କର ଉତ୍ପାଦଗୁଡ଼ିକୁ ବିକ୍ରି କରିବା ପାଇଁ ବଜାର

**5. ଯୋଜନାର ମୌଳିକ ଆବଶ୍ୟକତାଗୁଡ଼ିକ ହେଲା :**

(କ) ଉଦ୍ଦେଶ୍ୟ ନିରୂପଣ

(ଖ) ଲକ୍ଷ୍ୟ ଏବଂ ପ୍ରାଥମିକତା ନିର୍ଦ୍ଧାରଣ

(ଗ) ସମ୍ବଳ ସଞ୍ଚାଳନ / ଯୋଗାଡ଼

(ଘ) ସାମାଜିକ ସମୂହ ଗଠନ

(ଙ) ଅଗ୍ରଗତିର ମୂଲ୍ୟାୟନ ଏବଂ ପର୍ଯ୍ୟାଲୋଚନା

## 30.2

**1. ପରିବେଶ ଅନୁକୂଳ ଯୋଜନାର ଦୁଇଟି ଉଦାହରଣ :**

(କ) ଜଳସେଚନ ତଥା ବନ୍ୟା ନିୟନ୍ତ୍ରଣ ପାଇଁ ନଦୀଗୁଡ଼ିକୁ ନିୟନ୍ତ୍ରଣ କରିବା

(ଖ) ବୃକ୍ଷରୋପଣ

**2.** ସମ୍ବଳଗୁଡ଼ିକର ଉପଲବ୍ଧତା ତଥା ମାନବୀୟ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ଅନୁରକ୍ଷଣ କରିବା ଏକାନ୍ତ ଆବଶ୍ୟକ କାରଣ ନବୀକରଣୀୟତା ଏବଂ ନିଃଶେଷକରଣ ଦୃଷ୍ଟିରୁ ସମ୍ବଳ ଗୁଡ଼ିକର ସୀମିତତା ଅଛି । ସୁତରାଂ ମାନବୀୟ ଆବଶ୍ୟକତାଗୁଡ଼ିକର ପୂରଣ ପାଇଁ ସମ୍ବଳଗୁଡ଼ିକର ବିବେକୀ ଉପଯୋଗ ହେବା ଉଚିତ୍ ।

**3. ସ୍ଥାନୀୟ ଅଞ୍ଚଳର ବୃକ୍ଷରୋପଣ ନିମ୍ନ ଉପରେ ଆଧାରିତ ହେବା ଉଚିତ୍ ।**

(କ) ଉଚ୍ଚାବଚ

(ଖ) ଜଳବାୟୁ ଅବସ୍ଥା

(ଗ) ଭୂ-ତତ୍ତ୍ୱ ସମ୍ବନ୍ଧୀୟ ଅବସ୍ଥା

(ଘ) ପ୍ରାକୃତିକ ବନସ୍ପତି

**4. ମୌଳିକ ଏବଂ ଉଚ୍ଚତର ଆବଶ୍ୟକତାର ଦୁଇଟି ଲେଖାଏଁ ଉଦାହରଣ :**

(କ) ମୌଳିକ ଆବଶ୍ୟକତା
(i) ନିରାପଦ ପାନୀୟ ଜଳ
(ii) ମୌଳିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ

(ଖ) ଉଚ୍ଚତର ଆବଶ୍ୟକତା
(i) ବୈଷୟିକ ଶିକ୍ଷା
(ii) ଉନ୍ନତ ପରିବହନ ବ୍ୟବସ୍ଥା

**5. ପ୍ରଯୁକ୍ତିଗତ ଅଭିନବକରଣ ଏବଂ ସଂସ୍ଥାଗତ ସହାୟତାର ଦୁଇଟି ଲେଖାଏଁ ପ୍ରଭାବ :**

(କ) ପ୍ରଯୁକ୍ତିଗତ ଅଭିନବକରଣ
(i) କୃଷି ସମ୍ବନ୍ଧୀୟ ବିକାଶ

(Technological innovation)

(ii) ସୂଚନା ବିପ୍ଳବ

(ଖ) ସଂସ୍ଥାଗତ ସହାୟତା

(Institational Support)

(i) ସମସ୍ତଙ୍କ ପାଇଁ ଶିକ୍ଷା

(ii) ସର୍ବଜନିକ ପରିବହନ ବ୍ୟବସ୍ଥା

## 30.3

**1.** ସ୍ଥାନୀୟ ଲୋକେ ଅଞ୍ଚଳ ଯୋଜନା ପ୍ରଣୟନରେ ସେମାନଙ୍କର ଅଭିଜ୍ଞତା ମାଧ୍ୟମରେ ବିକାଶର ବିଭିନ୍ନ ଯୋଜନା ପରିକଳ୍ପନା, କାର୍ଯ୍ୟାନ୍ୱୟନରେ ସହଭାଗୀତା ଓ ଯୋଜନା କାର୍ଯ୍ୟକ୍ରମର ନିଷ୍ପାଦନ ଏବଂ ଯୋଜନା କରାଯାଇଥିବା ପ୍ରକଳ୍ପଗୁଡ଼ିକର ଅନୁରକ୍ଷଣରେ ସହଯୋଗୀତା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥାଆନ୍ତି ।

**2.** ବିକାଶ ଅବଧିର ବିଶେଷ ଗୁରୁତ୍ୱ :

(କ) ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଜଳସେଚନ ନେଟୱ୍ୱାର୍କ୍‌ର ବିକାଶ

(ଖ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଔଦ୍ୟୋଗିକ ବିକାଶରେ ଆତ୍ମନିର୍ଭର ଶୀଳତା

**3.** ଦଶମ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ପ୍ରମୁଖ ନଦୀଗୁଡ଼ିକର ପରିଷ୍କରଣ, ବର୍ଷାଜଳ ଅମଳ, ନଦୀଗୁଡ଼ିକର ସଂଯୁକ୍ତିକରଣ, ସାର୍ବଜନିକ ବିତରଣ ବ୍ୟବସ୍ଥା, ସାକ୍ଷରତା ମିଶନ, ସମସ୍ତ ପାଇଁ ଶିକ୍ଷା ଅଟେ ।

**4.** ସ୍ତମ୍ଭ I ସହ ସ୍ତମ୍ଭ II କୁ ମିଳାଅ

କ 2, ଖ 1, ଗ 5, ଘ 3, ଙ 4,

## 30.4

**1.** ସ୍ଥାନୀୟ ଆବଶ୍ୟକତାଗୁଡ଼ିକ ପ୍ରତ୍ୟେକ ଅଞ୍ଚଳର ସୁନିର୍ଦ୍ଦିଷ୍ଟ ବିଷୟ, ସମସ୍ୟା ଏବଂ ବିକାଶ ପାଇଁ ଉପଲବ୍ଧ ସାମର୍ଥ୍ୟ ଆଧାରରେ ଭିନ୍ନ ଭିନ୍ନ ହୋଇଥାଏ ।

**2.** ସ୍ଥାନୀୟ ଅଞ୍ଚଳ ଯୋଜନା ପାଇଁ ସ୍ଥାନୀୟ ସମ୍ବଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି କାରଣ ବିକାଶାତ୍ମକ କାର୍ଯ୍ୟକଳାପ ଗୁଡ଼ିକ ଅଧିକାଂଶତଃ ସମ୍ବଳଗୁଡ଼ିକ ଉପରେ ଆଧାରିତ ହୋଇଥାଏ । ସ୍ଥାନୀୟ ସମ୍ବଳର ଉପଯୋଗ, ଯୋଜନାର, ଖର୍ଚ୍ଚକୁ କମ୍ କରିଥାଏ ଏବଂ ସ୍ଥାନୀୟ ଲୋକଙ୍କର ଲାଭକୁ ଅଧିକତମ କରିଥାଏ ।

**3.** ସମ୍ବଳ ଭଣ୍ଡାର ହ୍ରାସ କରିବା ସମ୍ବଳ ନିଃଶେଷକରଣ ଅଟେ । କେତେକ ସମ୍ବଳ ଅଧିକ ଅବକ୍ଷୟ ହୋଇଥିବାବେଳେ ଆଉ କେତେକ ଅବକ୍ଷୟ କମ୍ ହୋଇଛି ।

**4.** ସମ୍ବଳଗୁଡ଼ିକର ଇଷ୍ଟତମ ସଦୁପଯୋଗର ଅର୍ଥ ମାନବୀୟ ଆବଶ୍ୟକତାଗୁଡ଼ିକ ପୂରଣ କରିବାରେ ସମ୍ବଳଗୁଡ଼ିକୁ ନିରନ୍ତର ସହନଶୀଳ ରଖିବାପାଇଁ ସେଗୁଡ଼ିକର ବିବେକୀ ଉପଯୋଗ କରିବା ।

## 30.5

**1.** ମାନଚିତ୍ର ପ୍ରସ୍ତୁତି ସମୟରେ ମାନଚିତ୍ରର ଆକାର, ପ୍ରଦର୍ଶନ କରିବାକୁ ଥିବା ବିସ୍ତୃତ ବିବରଣୀ, ମାନ ବା ସ୍କେଲ୍‌ର ଚୟନ ଭଳି କାରକ ଗୁଡ଼ିକୁ ବିବେଚନା କରିବା ଆବଶ୍ୟକୀୟ ଅଟେ ।

**2.** ଆକବରପୁର ଗ୍ରାମର ଭୌଗଳିକ ଅବସ୍ଥିତି $25^{0}$ 12′ ଉତ୍ତର ଅକ୍ଷାଂଶରେ ଏବଂ $80^{0}$47′ ପୂର୍ବ

ଦ୍ରାଘିମା ଅଟେ ।

**3.** ଆକବରପୁର ଗ୍ରାମର କୃଷି ସମ୍ବନ୍ଧୀୟ ଭୂମି ଉପଯୋଗ ଖରିଫ ଋତୁରେ ଧାନ, ଯବ ଓ ବାଜରା ତଥା ରବି ଋତୁରେ ଗହମ, ଚଣା, ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଫସଲ ଅଟେ । ଖରିଫ ଫସଲ ପ୍ରାୟ 63 ଶତକଡ଼ା କ୍ଷେତ୍ରରେ ହେଉଥିବାବେଳେ ରବି ଫସଲ ପ୍ରାୟ 36 ଶତକଡ଼ା କ୍ଷେତ୍ର ଅଧିକାର କରିଥାଏ ଏବଂ ଅବଶିଷ୍ଟ ଶତକଡ଼ା 1 ଭାଗରେ ଜୈଦ୍ ଫସଲ ସବୁ ହୋଇଥାଏ ।

**4.** ଆକବରପୁର ଗ୍ରାମର ଯୋଜନା ସମ୍ବନ୍ଧୀୟ ଆବଶ୍ୟକତାଗୁଡ଼ିକ ମୌଳିକ ସୁବିଧା ସୁଯୋଗ, ବିକାଶ ନିମିତ୍ତ ଜଳସେଚନ ସୁବିଧା ତଥା କୃଷି - ଉଦ୍ୟୋଗ ସହ ସମ୍ପର୍କିତ ଅଟେ ।

**5.** ଆକବରପୁର ଗ୍ରାମର ଯୋଜନା ପ୍ରସ୍ତାବଗୁଡ଼ିକ ପାଇଁ ପରିବେଶୀୟ ସାମାଜିକ ତଥା ଅର୍ଥନୈତିକ ଯୋଜନା ଶୀର୍ଷକ ଅନ୍ତର୍ଗତ ପ୍ରସ୍ତାବଗୁଡ଼ିକୁ ଦେଖ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀର ଉତ୍ତର ପାଇଁ ସଂକେତ / ସୂଚନା

1. ଅନୁଚ୍ଛେଦ 30.3 ଦେଖ
2. ଅନୁଚ୍ଛେଦ 30.5 ଦେଖ
3. ଅନୁଚ୍ଛେଦ 30.7 ଦେଖ
4. ଅନୁଚ୍ଛେଦ 30.9 ଦେଖ
5. ଅନୁଚ୍ଛେଦ 30.7 ଦେଖ